
# ପ୍ରେରଣା

## ମାସିକ ଓଡ଼ିଆ ସାହିତ୍ୟ ଇ-ପତ୍ରିକା




ଜୁନ୍, ୨୦୧୯

ନବମ ସଂସ୍କରଣ

## ପ୍ରତିଷ୍ଠାତା

ଲଳିତ କବି ଧ୍ରୁବ ଚରଣ ସ୍ୱାଇଁ

www.preranaodia.com

# ପ୍ରେରଣା

ମାସିକ ଓଡିଆ ସାହିତ୍ୟ ଇ-ପତ୍ରିକା

ଜୁନ୍, ୨୦୧୯ । ନବମ ସଂସ୍କରଣ

ପ୍ରତିଷ୍ଠାତା

ଲଳିତ କବି ଧ୍ରୁବ ଚରଣ ସ୍ୱାଇଁ

ସମ୍ପାଦକ

ଶ୍ରୀ ଦେବୀ ପ୍ରସାଦ ସ୍ୱାଇଁ

## ଆମସହ ଯୋଗାଯୋଗ

ସମ୍ପାଦକ, ପ୍ରେରଣା ମାସିକ ଓଡିଆ ସାହିତ୍ୟ ଇ-ପତ୍ରିକା

ଜହ୍ନିତଇଳା, ବାରଦା, ଢେଙ୍କାନାଳ

ଇମେଲ୍-editor@preranaodia.com, ଦୂରଭାଷ– 8908279130

# ଛବିଟିଏ ପାଇଁ ପଦଟିଏ

The image speaks

"ଛବିଟିଏ ପାଇଁ ପଦଟିଏ" ପ୍ରତିଯୋଗିତାର ଜୁନ୍ ୨୦୧୯ ସଂସ୍କରଣ ଇତି ମଧ୍ୟରେ ସମାପ୍ତ ହୋଇଅଛି । ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିବା ସମସ୍ତ ଲେଖକ/ଲେଖିକା ମାନଙ୍କୁ "ପ୍ରେରଣା ପରିବାର" ତରଫରୁ ଅଶେଷ ଧନ୍ୟବାଦ । ପ୍ରିୟ ଲେଖକ/ଲେଖିକା ମାନଙ୍କର ଲେଖନୀ ଦୀର୍ଘଜୀବୀ ହେଉ ଏହା ଈଶ୍ୱରଙ୍କ ନିକଟରେ ପ୍ରାର୍ଥନା ।

"ଛବିଟିଏ ପାଇଁ ପଦଟିଏ", ଜୁନ୍ ୨୦୧୯ ସଂସ୍କରଣର ବିଜେତା ଲେଖକ ଶିବ ଚରଣ ମହାପାତ୍ରଙ୍କୁ ଅଭିନନ୍ଦନ । ଲେଖକଙ୍କ କଲମରୁ...

କମଳ ଲୋଚନ ପାଦେ ସୁମରି,
ସପ୍ତ ଗୁମ୍ଫା ସପ୍ତ ଝର ସପ୍ତ ଗିରି
ସପ୍ତ ଦିନ ପ୍ରଭୁ ବନ ବିହରି ।
କଲ୍ଲୋଳ ସୌରଭ ସପ୍ତଶଯ୍ୟା କୀର୍ତ୍ତି
ଜନ-ଜୀବ-ଦେବ ହୃଦ ନେଉଛି ହରି ॥



ଶିବ ଚରଣ ମହାପାତ୍ର

# ଉପକ୍ରମ

ପ୍ରାରମ୍ଭରୁ ଓଡିଆ ସାହିତ୍ୟ ପ୍ରତି ବିଶେଷ ଦୁର୍ବଳତା ନଥିଲେ ମଧ୍ୟ କିଞ୍ଚିତ୍ ଜିଜ୍ଞାସା ନିଶ୍ଚୟ ଥିଲା । ଯେବେ କେବେବି ବାପାଙ୍କର ଲେଖା କିଛି ପଢେ, ତାଙ୍କ ସୃଜନଶୀଳତା ଓ ସାହିତ୍ୟର ବୈସ୍ତୃତ୍ୟ ଦେଖି ଅତି ବିସ୍ମିତ ଲାଗେ । ତାଙ୍କ ଲେଖା ପରି ସୁନ୍ଦର ସାହିତ୍ୟ ଲୋକଲୋଚନରୁ ଅଦୃଷ୍ଟ ରହିଗଲା କେବଳ ସୁଯୋଗ ଏବଂ ପ୍ରୋତ୍ସାହନ ଅଭାବରୁ । ତାଙ୍କ ପରି ଅନେକ ସାହିତ୍ୟ ସାଧକ ବଣମଲ୍ଲୀ ପରି ବଣରେ ଫୁଟି ନିଜର ସୁଗନ୍ଧ ଚତୁଃପାର୍ଶ୍ୱରେ ପ୍ରସାରିତ କରିବା ପୂର୍ବରୁ ଝଡି ଯାଉଛନ୍ତି ।

ଓଡିଆ ସାହିତ୍ୟର ସେହି ଲୁକ୍କାୟିତ ତଥା ଅପ୍ରଶଂସିତ ସ୍ରଷ୍ଟାମାନଙ୍କୁ ସୁଯୋଗ ଦେବା ଏବଂ ସେମାନଙ୍କର ଅପ୍ରକାଶିତ ରଚନା ଗୁଡିକୁ ଲୋକଲୋଚନକୁ ଆଣିବା ପାଇଁ ଏକ ମାଧ୍ୟମ ପ୍ରଦାନ କରିବାର ଏକ କ୍ଷୁଦ୍ର ପ୍ରଚେଷ୍ଟା "ପ୍ରେରଣା" । ଯେକୌଣସି ପ୍ରତିକୂଳ ପରିସ୍ଥିତିରେ ବି ନିର୍ଭୀକ ଭାବରେ ନିଜର କର୍ମ କରି ଚାଲିବା ପାଇଁ ବାପାଙ୍କ ଠାରୁ ଯେଉଁ ପ୍ରେରଣା ମିଳିଥିଲା, ସେହି ପ୍ରେରଣାକୁ ସାହିତ୍ୟପ୍ରେମୀ ବନ୍ଧୁମାନଙ୍କ ସହ ପ୍ରସାର କରି ଓଡିଆ ଭାଷା ସାହିତ୍ୟ ପ୍ରତି ନିଜର ସାମାନ୍ୟତମ ଅନୁଦାନ ଅର୍ପଣ କରିବା ପାଇଁ ହିଁ "ପ୍ରେରଣା"ର ସୃଷ୍ଟି ।

ପ୍ରିୟ ପାଠକ/ପାଠିକାଗଣ ଏହାକୁ ପାଠ କରି କିଞ୍ଚିତ୍ ଆନନ୍ଦ ଅନୁଭବ କଲେ ମୋର ଶ୍ରମ ସାର୍ଥକ ହେବା ଆଶାକରେ ।

**ସମ୍ପାଦକ**

# କୃତଜ୍ଞତା ଜ୍ଞାପନ

ମୋର ପ୍ରିୟ ବନ୍ଧୁ ଶ୍ରୀ ବିଭୁଶ୍ରୀ ମିଶ୍ର, ଶ୍ରୀ ସନ୍ତୋଷ ସାଗର ମିଶ୍ର, ଶ୍ରୀ ସନାତନ ସାହୁ, ଶ୍ରୀ ହୃଦୟାନନ୍ଦ ପଧାନ, ଶ୍ରୀ ଚନ୍ଦ୍ର ଶେଖର ଖଟୁଆ ଓ ଶ୍ରୀ ଆର୍ଯ୍ୟେନ୍ଦୁ ପଟ୍ଟନାୟକ ପ୍ରମୁଖ ଯେଉଁ ମହୋଦୟ ମାନଙ୍କ ପ୍ରେରଣା ଓ ସାହାଯ୍ୟ ଆଜି ମୋତେ ମୋ ଗନ୍ତବ୍ୟ ପଥରେ ଆଗେଇ ନେଉଛି ସେମାନଙ୍କ ନିକଟରେ ମୁଁ ଆନ୍ତରିକ କୃତଜ୍ଞତା ଜ୍ଞାପନ କରୁଅଛି ।

ଏତଦ୍‌ବ୍ୟତୀତ ପ୍ରଚ୍ଛଦପଟ୍ଟ ଶିଳ୍ପୀ କୁମାରୀ ଶୁଭଶ୍ରୀ ପଣ୍ଡା ପତ୍ରିକାର ପ୍ରଚ୍ଛଦପଟ୍ଟଟି ଅତି ସୁନ୍ଦର ଭାବେ ଚିତ୍ରଣ କରିଥିବାରୁ ତାଙ୍କ ନିକଟରେ ମୁଁ କୃତଜ୍ଞତା ଜ୍ଞାପନ କରୁଅଛି ।

**। ଇତି ।**

**ସମ୍ପାଦକ**

# ପ୍ରେରଣା ଇ-ପତ୍ରିକା ପ୍ରକାଶନର ନିୟମାବଳୀ :

- ପ୍ରେରଣା ଇ-ପତ୍ରିକା ଏକ ମାସିକ ସଂସ୍କରଣ ହୋଇଥିବାରୁ ପ୍ରିୟ ଲେଖକ/ଲେଖିକା ମାନେ ପ୍ରତି ମାସରେ ପ୍ରକାଶଯୋଗ୍ୟ ନିଜସ୍ୱ ଲେଖା ପଠାଇ ପାରିବେ ।
- ପ୍ରକାଶନ ପାଇଁ ପ୍ରେରିତ ଲେଖା ଗୁଡିକର ନକଲକୁ ଲେଖକ/ଲେଖିକା ମାନେ ନିଜ ପାଖରେ ସରଂକ୍ଷିତ କରି ରଖିବା ପାଇଁ ଅନୁରୋଧ । କାରଣ ଅମନୋନିତ ଲେଖା ଗୁଡିକ ଫେରସ୍ତ ହେବାର ବ୍ୟବସ୍ଥା ନାହିଁ ।
- ବର୍ତ୍ତମାନ ପ୍ରେରଣା ଇ-ପତ୍ରିକା ମୁଖ୍ୟତଃ ପଦ୍ୟ ଏବଂ ଗଦ୍ୟ ଏହି ଦୁଇଟି ବିଭାଗକୁ ନେଇ ଗଠିତ ହୋଇଥିବାରୁ ପ୍ରତି ସଂସ୍କରଣ ପାଇଁ ପ୍ରିୟ ଲେଖକ/ଲେଖିକା ମାନେ ଅତିବେଶିରେ କେବଳ ଦୁଇଟି (ଗୋଟିଏ ଗଦ୍ୟ ଏବଂ ଗୋଟିଏ ପଦ୍ୟ) ଲେଖା ପଠାଇ ପାରିବେ ।
- ପ୍ରିୟ ଲେଖକ/ଲେଖିକା ମାନେ ନିଜସ୍ୱ ଲେଖା ପଠାଇବା ପାଇଁ www.preranaodia.com ରେ ଉପଯୁକ୍ତ ତଥ୍ୟ ପ୍ରଦାନ କରିବା ସହ ନିଜସ୍ୱ ଲେଖାକୁ ଓଡିଆରେ ଟାଇପ୍ କରିବା ଆବଶ୍ୟକ ।
- ପ୍ରତି ସଂସ୍କରଣ ପାଇଁ କେବଳ ଏହି ପଞ୍ଜୀକରଣ ଦ୍ୱାରା ଲେଖା ଗ୍ରହଣଯୋଗ୍ୟ ଅଟେ । ସୁତରାଂ ପ୍ରତି ସଂସ୍କରଣ ପାଇଁ ଲେଖକ/ଲେଖିକା ମାନେ ଲେଖାକୁ www.preranaodia.com ମାଧ୍ୟମରେ ପଠାଇବାକୁ ପଡିବ ।

- ପ୍ରିୟ ଲେଖକ/ଲେଖିକା ମାନେ ପଞ୍ଜୀକରଣ ଫର୍ମରେ ପ୍ରଦତ୍ତ ସ୍ଥାନରେ ନିଜସ୍ୱ ଲେଖାକୁ ଓଡିଆରେ ଲେଖି ପାରିବେ । ପଞ୍ଜୀକରଣ ସମୟରେ କୌଣସି ତ୍ରୁଟି ପରିଲକ୍ଷିତ ହେଲେ ଆମ ସହ ଯୋଗାଯୋଗ କରିବାକୁ ଅନୁରୋଧ ।
- ଇ-ମେଲ କିମ୍ବା ହ୍ୱାଟସ୍ଆପ୍ ଦ୍ୱାରା ପ୍ରେରିତ ଲେଖା ଗ୍ରହଣୀୟ ନୁହେଁ । ତେଣୁ ସହୃଦୟ ଲେଖକ/ଲେଖିକା ମାନେ ଲେଖା ପଠାଇବା ପାଇଁ ଏହାର ବ୍ୟବହାର ନକରିବା ପାଇଁ ବିଶେଷ ଅନୁରୋଧ ।
- ପ୍ରିୟ ଲେଖକ / ଲେଖିକା ମାନଙ୍କୁ ବିଶେଷ ଅନୁରୋଧ – ଏକ ସମୟରେ ଅନ୍ୟ କୌଣସି ପତ୍ରିକାକୁ ପ୍ରକାଶ କରିବା ପାଇଁ ପଠାଇଥିବା ଲେଖା "ପ୍ରେରଣା"କୁ ପଠାନ୍ତୁ ନାହିଁ କିମ୍ବା "ପ୍ରେରଣା"କୁ ପଠାଇଥିବା ଲେଖା ଅନ୍ୟ କୌଣସି ପତ୍ରିକାକୁ ପଠାନ୍ତୁ ନାହିଁ ।
- ଲେଖା ଚୟନ କେବଳ ସମ୍ପାଦନା ମଣ୍ଡଳୀ ଦ୍ୱାରା ସ୍ଥିରୀକୃତ ହୋଇଥାଏ । ଲେଖକ/ଲେଖିକା ମାନେ ଏହା ଉପରେ କୌଣସି ଅଭିଯୋଗ ରଖିପାରିବେ ନାହିଁ । ଲେଖାଗୁଡିକ କୌଣସି ଧର୍ମ ବହିଃର୍ଭୂତ ତଥା ବିରୋଧୀ ତତ୍ତ୍ୱ ଉପରେ ଆଧାରିତ ନ ହେବା ଆବଶ୍ୟକ ।
- ପ୍ରେରଣା ଇ-ପତ୍ରିକାରେ ପ୍ରକାଶିତ ଲେଖା ତଥା ଏହାର ୱେବସାଇଟରେ ପ୍ରଦତ୍ତ ତଥ୍ୟ ସମ୍ପାଦକଙ୍କ ଅନୁମତି ବିନା କୌଣସି ପତ୍ର-ପତ୍ରିକାରେ ପ୍ରକାଶିତ ହେବା ଅପରାଧ ବୋଲି ବିବେଚନା କରାଯିବ । ସୁତରାଂ ଏଥି ନିମନ୍ତେ ସମ୍ପାଦକଙ୍କ ଠାରୁ ଲିଖିତ ଅନୁମତି ଆବଶ୍ୟକ ।

- ଏହି ପତ୍ରିକାରେ ପ୍ରକାଶିତ ସମସ୍ତ ଲେଖା ଉଭୟ ପ୍ରକାଶକ ଏବଂ ଲେଖକ/ଲେଖିକା ମାନଙ୍କ ପାଖରେ ସର୍ବଦା ସରଂକ୍ଷିତ । ତେଣୁ ନିଜସ୍ୱ ଲେଖାକୁ ସୋସିଆଲ ମିଡିଆ/ନେଟୱର୍କରେ ପ୍ରଚାର ଏବଂ ପ୍ରସାର ନିମନ୍ତେ ସେୟାର୍ କରିବାର ସମ୍ପୂର୍ଣ୍ଣ ଅଧିକାର ପ୍ରିୟ ଲେଖକ/ଲେଖିକା ମାନଙ୍କର ଅଛି ।

ପ୍ରେରଣା ଇ-ପତ୍ରିକାରେ ପ୍ରକାଶିତ ସମସ୍ତ ଲେଖା ଲେଖକ/ଲେଖିକା ମାନଙ୍କର ନିଜସ୍ୱ ସୃଷ୍ଟି ହୋଇଥିବାରୁ ଯେକୌଣସି ବାଦାନୁବାଦ ପାଇଁ କେବଳ ଲେଖକ/ଲେଖିକା ମାନେ ଉତ୍ତରଦାୟୀ ରହିବେ । ଏଥିରେ ପ୍ରକାଶକ, ସମ୍ପାଦକ କିମ୍ବା ପତ୍ରିକାର କୌଣସି ଉତ୍ତରଦାୟିତ୍ୱ ରହିବ ନାହିଁ ।

# ✍ ସମ୍ପାଦକୀୟ...



ଯେଉଁ ସାହିତ୍ୟକଙ୍କ କୃତି, ସାହିତ୍ୟ ସାଧନା କ୍ଷେତ୍ରରେ କୌଣସି ଶିକ୍ଷାଗତ ଯୋଗ୍ୟତାର ଆବଶ୍ୟକତା ନାହିଁ ବୋଲି ପ୍ରମାଣିତ କରେ ; ଯାହାଙ୍କ ଅଦମ୍ୟ ଚେଷ୍ଟା ଓ ଅକ୍ଲାନ୍ତ ପରିଶ୍ରମ ଆଗରେ ଭାଗ୍ୟ ବି ହାର ମାନିଥିଲା ; ଯିଏ ନିଜର ପ୍ରାଥମିକ ଶିକ୍ଷା ସମାପ୍ତ କରିପାରି ନ ଥିଲେ ମଧ୍ୟ ଓଡ଼ିଆ, ବଙ୍ଗଳା ଓ ସଂସ୍କୃତ ସାହିତ୍ୟାଦିରେ ନିଜର ପ୍ରଗାଢ଼ ପ୍ରବେଶ ରଖିପାରିଥିଲେ ; ଯିଏ ଏକବିଂଶ ଶତାବ୍ଦୀର ରାଧାନାଥ ଭାବେ ଜଣାଶୁଣା ; ଭାଷାର ଗାମ୍ଭୀର୍ଯ୍ୟ ଓ ଭାବର ସଂପ୍ରସାରଣ ଯାହାଙ୍କ ରଚନାର ଅନ୍ୟତମ ବୈଶିଷ୍ଟ୍ୟ ସେହି ସୁସାହିତ୍ୟକଙ୍କ ସରଳ, ନିରାଡ଼ମ୍ବର ଜୀବନୀ ଓ ସାହିତ୍ୟ ସର୍ଜନା ବିଷୟରେ ଆଲୋଚନା କରିବା ଅତ୍ୟନ୍ତ ସୌଭାଗ୍ୟର ବିଷୟ ନିଶ୍ଚିନ୍ତ ।

କବି ଧ୍ରୁବ ଚରଣ ସ୍ୱାଇଁ ଢେଙ୍କାନାଳ ଜିଲ୍ଲାସ୍ଥିତ ଜହ୍ନିତଇଳା ଗ୍ରାମରେ ୧୯୪୩ ମସିହା ଅପ୍ରେଲ ମାସ ୧୭ ତାରିଖରେ ଏକ କୃଷକ ପରିବାରରେ ଜନ୍ମଗ୍ରହଣ କରିଥିଲେ । ବହୁ ପୂଜାର୍ଚ୍ଚନା ଓ ମାନସିକ ଫଳରେ ପୁତ୍ର ପ୍ରାପ୍ତି ହୋଇଥିବାରୁ ସେ ସମସ୍ତଙ୍କର ଅତ୍ୟନ୍ତ ସ୍ନେହର ପାତ୍ର ଥିଲେ । ସେ ୭ ବର୍ଷ ବୟସରେ ପଡୋଶୀ ଗ୍ରାମରେ ଥିବା ଚାଟଶାଳୀରେ ନିଜର ଛାତ୍ର ଜୀବନ ଆରମ୍ଭ କରିଥିଲେ ।

ତୁଳସୀ ଦୁଇ ପତ୍ରରୁ ବାସିଲା ଭଳି ଛାତ୍ରାବସ୍ଥାରୁ ତାଙ୍କର ସମସ୍ତ ଭଲ ଗୁଣ ଗୁଡିକ ପ୍ରସ୍ଫୁଟିତ ହେବାରେ ଲାଗିଥିଲା । ତାଙ୍କର ତୀକ୍ଷ୍ଣ ସ୍ମରଣ ଶକ୍ତି ଯୋଗୁଁ ସେ ଅତ୍ୟନ୍ତ ମେଧାବୀ ଥିଲେ । ନୂତନ ବହି ପଢିବା ପାଇଁ ଅହେତୁକ ଆଗ୍ରହ ଓ ଗୁରୁଜନମାନଙ୍କୁ ଶ୍ରଦ୍ଧା-ଭକ୍ତି ଆଦି ଗୁଣ ଗୁଡିକ ଶିକ୍ଷା ଆରମ୍ଭରୁ ତାଙ୍କଠାରେ ପରିପ୍ରକାଶ ହୋଇଥିଲା । ଅନେକ ସମୟରେ ଶିକ୍ଷକଙ୍କ ଅନୁପସ୍ଥିତିରେ ସେ ନିଜ ସହପାଠୀମାନଙ୍କୁ ଶିକ୍ଷାଦାନ କରୁଥିଲେ । ପରବର୍ତ୍ତୀ ସମୟରେ ମାତ୍ର ୧୩ ବର୍ଷ ବୟସରେ ପିତୃ ବିୟୋଗ ଜନିତ ମାନସିକ ଦୁଶ୍ଚିନ୍ତା ଓ ନିଜର ଦେହ ଅସୁସ୍ଥତା କାରଣରୁ ପଞ୍ଚମ ଶ୍ରେଣୀରେ ହିଁ ତାଙ୍କ ଛାତ୍ର ଜୀବନର ପୂର୍ଣ୍ଣଚ୍ଛେଦ ପଡିଥିଲା । ମାତ୍ର ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ପଢିଥିଲେ ମଧ୍ୟ ଓଡିଆ ସାହିତ୍ୟ ସୃଷ୍ଟି ପ୍ରତି ତାଙ୍କର ଅଦମ୍ୟ ଲାଳସା ଓ ଅମାପ ନିଷ୍ଠା ତାଙ୍କୁ ତାଙ୍କ ପ୍ରତିଭା ବିକଶିତ କରିବାରେ ଅଫୁରନ୍ତ ପ୍ରେରଣା ଦେଇଥିଲା ।

କବି ଧ୍ରୁବ ଚରଣ ସ୍ୱାଇଁ ମାତ୍ର ୧୫ ବର୍ଷ ବୟସରେ ବେଦ ଆଦି ସଂସ୍କୃତ ଶାସ୍ତ୍ରାଦିରେ ପାଣ୍ଡିତ୍ୟ ଅର୍ଜନ କରି ଓଡିଆ ସାହିତ୍ୟ ଜଗତରେ ପ୍ରବେଶ କରିଥିଲେ । ପ୍ରାରମ୍ଭରୁ ସେ ସଂସ୍କୃତ ଓ ବଙ୍ଗଳା ସାହିତ୍ୟରେ କିଛି କବିତା ରଚନା କରିଥିଲେ କିନ୍ତୁ ପରବର୍ତ୍ତୀ ସମୟରେ କେବଳ ଓଡିଆ ସାହିତ୍ୟ ପ୍ରତି ନିଜର ଧ୍ୟାନ ନିମଗ୍ନ କରିଥିଲେ । ୧୫ ବର୍ଷ ବୟସରେ ସେ ନିଜର ପ୍ରଥମ କବିତା ସଂକଳନ "ଅମର ଲତିକା" ରଚନା କରିଥିଲେ ଯାହାକି ୧୯୬୩ ମସିହାରେ କଟକର ସ୍ୱରାଜ ପ୍ରେସ ଦ୍ୱାରା ପ୍ରକାଶିତ

ହୋଇ ବହୁ ଜନାଦୃତ ହୋଇଥିଲା । ୧୯୬୨ ମସିହାରେ କେତେଜଣ ତରୁଣବନ୍ଧୁଙ୍କ ସହ ତାଙ୍କ ସପ୍ତଶଯ୍ୟା ଗ୍ରସ୍ତ ଅତ୍ୟନ୍ତ ରୋମାଞ୍ଚକର ଥିଲା । ଏହା ତାଙ୍କୁ ସପ୍ତଶଯ୍ୟା ଖଣ୍ଡକାବ୍ୟ ରଚନା କରିବାରେ ଅଫୁରନ୍ତ ଉତ୍ସାହ ପ୍ରଦାନ କରିଥିଲା । ଆଧୁନିକ ଯୁଗସ୍ରଷ୍ଟା ରାଧାନାଥଙ୍କର "ଚିଲିକା" ଖଣ୍ଡକାବ୍ୟର ଅନୁକରଣ ଓ ଅନୁସରଣ ମାଧ୍ୟମରେ କବିଙ୍କର "ସପ୍ତଶଯ୍ୟା" ଖଣ୍ଡକାବ୍ୟର ସୃଷ୍ଟି । ଖଣ୍ଡକାବ୍ୟ ପ୍ରାରମ୍ଭରେ କବି ସପ୍ତଶଯ୍ୟାର ସାମ୍ୟକ ପରିଚୟ ପ୍ରଦାନ କରିବାକୁ ଯାଇ, ଏହାର ଭୌଗଳିକ ଅବସ୍ଥିତି ସମ୍ପର୍କରେ ନିମ୍ନମତେ ଆଲୋକପାତ କରିଛନ୍ତି ।

ବ୍ରାହ୍ମୀ -ମହାନଦୀ ବେନି ପାରୁଶରେ
ସିନ୍ଧୁଗାମୀ ଯହିଁ ଦକ୍ଷିଣ-ଉତ୍ତରେ ।
ବାରୁଣୀ ସୀମାନ୍ତେ ବାହାବନ୍ଧମାଳ
ମଧ୍ୟେ ଶୋହେ ଗିରି ବିଖ୍ୟାତ ବିଶାଳ ।।

(ସପ୍ତଶଯ୍ୟା)

"ସପ୍ତଶଯ୍ୟା" ଖଣ୍ଡକାବ୍ୟର ଅନ୍ୟତମ ଆକର୍ଷଣ ହେଉଛି ଏହାର ବର୍ଣ୍ଣନା ଶୈଳୀ । ରଚନା ମାଧ୍ୟମରେ କବି ଉପମା, ଉପମେୟ, ରୂପକ ଓ ବିବିଧ ଅଳଙ୍କାରର ପ୍ରୟୋଗ କରି ଆପଣାର ପାଣ୍ଡିତ୍ୟ ଓ ବହୁ ଶାସ୍ତ୍ର ଦର୍ଶିତାର ପରିଚୟ ପ୍ରଦାନ କରିଛନ୍ତି ।

ସତ୍ୟ-ଆବିର୍ଭାବ ଯୋଗ୍ୟସ୍ଥଳ ଜାଣି
ଆଶ୍ରିବେ ତୋ କୋଳ ସିଦ୍ଧବ୍ରହ୍ମଜ୍ଞାନୀ
ଶଇଳ-ତୋ-କୀର୍ତ୍ତି କଳୁଷ-ଛେଦିନୀ
ରାଜୁଥିବ ଯାବଚନ୍ଦ୍ରାର୍କ ମେଦିନୀ ।।

(ସପ୍ତଶଯ୍ୟା)

କବି ଧ୍ରୁବ ଚରଣ ସ୍ୱାଇଁଙ୍କ ରଚିତ "ବାଣହରଣ" କାବ୍ୟରେ କବିଙ୍କ ମୌଳିକ ପ୍ରତିଭାର ପରିଚୟ ମିଳେ । ସଂସାରର ପ୍ରକୃତ ବିଜୟୀର ସଂଜ୍ଞା କବି ନିମ୍ନମତେ ନିରୂପଣ କରିଛନ୍ତି ।

ସ୍ନେହ-ଅନୁରାଗ ପ୍ରେମ-ମୈତ୍ରୀ-ବାଣେ
ଦୟା-ସହିଷ୍ଣୁତା-ତିତିକ୍ଷା-କମାଣେ ।
ଲୋଭ-ମୋହ-ମଦ-ଶତ୍ରୁ ସେନାଗଣ
ମାରି ଯେ ହୃଦୟ-ରାଜ ସିଂହାସନ-
କରି ପାରେ ଧର୍ମ-ଯୁଦ୍ଧେ ଅଧିକାର
ପ୍ରକୃତ ବିଜୟୀ ସେହି ଏ ସଂସାର ।।

(ବାଣହରଣ)

ଏହାଛଡା ତାଙ୍କ ଦ୍ୱାରା ରଚିତ "ଶ୍ମଶାନ" କବିତାରେ ଜୀବନ ଦର୍ଶନକୁ ଅତି ମାର୍ମିକ ଭାଷାରେ ବର୍ଣ୍ଣନା କରାଯାଇଅଛି ।

ଜୀବନର ବାସ୍ତବ ଚିତ୍ରକୁ ଉପସ୍ଥାପନା କରିବାକୁ ଯାଇ କବିଙ୍କ ଲେଖନୀରେ..

ଏଇ ତ ସମ୍ମୁଖେ ବଂଧୁ ଚିତା-ଭସ୍ମ-ବେଦି
ହୁଏ ଯହିଁ ମାନବର ସ୍ୱର୍ଗ-ଅଭିଷେକ ।
ଭୈରବୀ ମଶାଣ ଚଣ୍ଡୀ ନୃମୁଣ୍ଡ ମାଳିନୀ
ବସନ୍ତି ନିଶିଥେ ଏଥି ମୃତ୍ୟୁ-ମନ୍ତ୍ର ଗାଇ ।।

(ଶ୍ମଶାନ)

କବିଙ୍କ ଲିଖିତ ଅନ୍ୟାନ କାବ୍ୟ ମଧ୍ୟରେ ସଞ୍ଜୁକ୍ତା, ବନ୍ଦିନୀ, ବାଣହରଣ, ନାରୀଶିକ୍ଷା, ଜାନୁଭଗ୍ନ, ଗଙ୍ଗା-ଅଭିଶାପ, ସେତୁବନ୍ଧ, ଗର୍ଭରକ୍ଷା, ଶିବ ବିବାହ, ଜୟଦ୍ରଥ ବଦ୍ଧ, ପ୍ରବନ୍ଧ ଚୟନ, ପ୍ରକୃତି ଗାଥା, ସଂଗୀତ ସୁଧା, ଅମର ଲତିକା ଆଦି କାବ୍ୟ ତାଙ୍କ ଉଚ୍ଚକୋଟିର ସାହିତ୍ୟ ସାଧନାର ସ୍ମାରକୀ ।

**ଦେବୀ ପ୍ରସାଦ ସ୍ୱାଇଁ**

# ସୂଚୀପତ୍ର


| କ୍ର.ସଂ | ବିଷୟ | ଲେଖକ/ଲେଖିକା | ପୃଷ୍ଠା |
|---|---|---|---|
| ୧. | ପ୍ରାର୍ଥନା | ଲଳିତ କବି ଧ୍ରୁବ ଚରଣ ସ୍ୱାଇଁ | ୧୬ |
| | **ପଦ୍ୟ ବିଭାଗ** | | |
| ୨. | ସପ୍ତଶଯ୍ୟା | ଲଳିତ କବି ଧ୍ରୁବ ଚରଣ ସ୍ୱାଇଁ | ୧୮ |
| ୩. | ମୁଁ ପବନ କହୁଛି | ସଂଯୁକ୍ତା ରାଉତ | ୨୦ |
| ୪. | ପ୍ରାପ୍ତି | ସ୍ୱୟଂସିଦ୍ଧା ମିଶ୍ର | ୨୨ |
| ୫. | ଏତେ ଡର କାହାକୁ ? | ଅର୍ଘ୍ୟରୂପା ସ୍ୱାଇଁ | ୨୩ |
| ୬. | ମଧୁ ମହ୍ଲାର | ଶିବ ଚରଣ ମହାପାତ୍ର | ୨୬ |
| ୭. | ରଜ ମଉଜ | ନିବେଦିତା ମହାପାତ୍ର | ୨୯ |
| ୮. | ମୁଁ ନାରୀ ଟିଏ ମୋତ ବଞ୍ଚିବାକୁ ଦିଅ | ତପସ୍ୱିନୀ ଦାଶ ଷଡଙ୍ଗୀ | ୩୧ |
| ୯. | ଭୁଲ ନାହିଁ | ସୁନିତା ବାରିକ | ୩୪ |
| ୧୦. | ଆଞ୍ଜୁଳାଏ ଶୂନ୍ୟତା | ରୋଜାଲିନ ସାହୁ | ୩୬ |
| ୧୧. | ତୁମର ସେଇ ଆଲେଖ୍ୟ | ଅମ୍ରିତେଶ ଖଟୁଆ | ୩୯ |
| ୧୨. | ଗୁରୁ ଉପାସନା | ରୋଜା ପଣ୍ଡା | ୪୧ |

| କ୍ର.ସଂ | ବିଷୟ | ଲେଖକ/ଲେଖିକା | ପୃଷ୍ଠା |
|---|---|---|---|
| ୧୩. | ପ୍ରତାରଣାର ପରିଣାମ | ମନୋଜ କୁମାର ପଣ୍ଡା | ୪୩ |
| ୧୪. | କେବଳ ମୋର | ପ୍ରଶାନ୍ତ କୁମାର ବେହେରା | ୪୫ |
| ୧୫. | ମଶାଣି ତୁଳସୀ | କାଳି କୁମାର ବେହେରା | ୪୭ |
| ୧୬. | ମାନବସେବା | ସୂର୍ଯ୍ୟମଣି ମାଝୀ | ୪୯ |
| ୧୭. | ସାବିତ୍ରୀ ବ୍ରତ | କୃଷ୍ଣ ଚନ୍ଦ୍ର ଡାକୁଆ | ୫୧ |
| ୧୮. | କିନ୍ତୁ | ନୂତନ କୁମାର ବେହେରା | ୫୩ |
| ୧୯. | ପୁଣ୍ୟରେ ପ୍ରଭୁଙ୍କ ଭେଟ... | ଅକ୍ଷୟ କୁମାର ବେହେରା | ୫୫ |
| ୨୦. | ମୁହୂର୍ତ୍ତ | ସୁଧୀର କୁମାର ପଣ୍ଡା | ୫୬ |
| ୨୧. | ବର୍ଷା ରାଣୀ | ହୃଦୟାନନ୍ଦ ପଧାନ | ୫୯ |
| ୨୨. | ନିଃଶ୍ୱ ବିଶ୍ୱାବସୁ ଶୂନ୍ୟ ଜୀବନ | ଅଲେଖ ଚନ୍ଦ୍ର ବେହେରା | ୬୧ |
| ୨୩. | ଗିରି ପ୍ରତି | ଲଳିତ କବି ଧ୍ରୁବ ଚରଣ ସ୍ୱାଇଁ | ୬୩ |
| | **ଗଦ୍ୟ ବିଭାଗ** | | |
| ୨୪. | ଭଙ୍ଗା କିଆରୀ | ସୂର୍ଯ୍ୟମଣି ମାଝୀ | ୬୬ |
| ୨୫. | ସ୍ଥିତିପ୍ରଜ୍ଞା | ପ୍ରଶାନ୍ତ କୁମାର ବେହେରା | ୬୮ |
| ୨୬. | ହାଇ-ନିଶ୍ୱାସର ଭିନ୍ନ ରୂପ | ଶିବ ଚରଣ ମହାପାତ୍ର | ୭୨ |

# ପ୍ରାର୍ଥନା

ଲଳିତ କବି ଧ୍ରୁବ ଚରଣ ସ୍ୱାଇଁ

ଚଲାଇ ଚଲାଇ ତୁମ ଚଲାପଥେ
ଭୁଲାଇଣ ମୋତେ ମାରିବ କି ।
ଭଲା ବାଟ ପ୍ରଭୁ ଦେଇଛ ଜୀବନେ
ମଲାଯାଏ ଚାଲି ସରିବ କି ॥

ଚଉ ଦିଗେ ମୋର ଦୀର୍ଘ ମରୁବାଲି
ଅସରା ଏ ମୋର ତପ୍ତ ଝାମ୍ପୁ ଚାଲି ।
ଆଶା-ମରୀଚିକା ଦେଖାଇଣ ଖାଲି
ନୟନରେ ଲୁହ ଭରିବ କି ॥

ଜୀବନ ମରୁରେ ବାଲି ଝଡ ଉଠି
ଏ ବେନି ନୟନ ଯେବେ ଯିବ ଫୁଟି ।
ସେତେବେଳେ ପ୍ରିୟ ନେବାକୁ ପାଛୋଟି
ସତେ ଆସି ହାତ ଧରିବ କି ॥

ତୃଷାନଳେ ପ୍ରଭୁ ଛାଡିଗଲେ ପ୍ରାଣ
ସେ କାଳେ ହେବକି କୃପାଜଳ ଦାନ ।
ବଞ୍ଚିବାର ମୋହ ଦେଇ ଏତେ ଦ୍ରୋହ
ତୁମପରି କିଏ କରିବ କି ॥

*****

ଜହ୍ନିତଇଳା, ଢେଙ୍କାନାଳ

# ପଦ୍ୟ ବିଭାଗ

# ସପ୍ତଶଯ୍ୟା

ଲଳିତ କବି ଧ୍ରୁବ ଚରଣ ସ୍ୱାଇଁ

ସୁବିସ୍ତୀର୍ଣ୍ଣ ସାଗୁଆନ-ଉପବନ
ଘନ ପତ୍ରେ ଆହା ଦିଶେ କି ଶୋଭନ ।
ମେରୁଗିରି ପାଦେ ବୃନ୍ଦାରକ ପ୍ରାୟେ
କ୍ରମ ବର୍ଦ୍ଧମାନ ଉଭା ଦୀର୍ଘକାୟେ ॥

ଘନଛାୟା ଦୀର୍ଘକାୟା ତରୁଗଣ
ପରସ୍ପରେ କରି ବିରୁଦ୍ଧାଚରଣ ।
ରବିରଶ୍ମି ଲାଭେ ସଦା ଅନୁକୂଳ
ନିର୍ଝର-ଶୈତଲ୍ୟେ ବୃଦ୍ଧିକରିମୂଳ ॥

ଏହି ରୂପେ ସିନା ଧନବନ୍ତ ଜନ
ସହିପାରେ ଭବେ ବିପଦଧର୍ଷଣ ।
ଧନୀ ନ ଗଣଇଁ ବିପଦ-ଭୃକୁଟୀ
ଧନହୀନ ଦେଖି ନ ପାରଇ ଉଠି ॥

ପୁରାତନ ତୃଣାଚ୍ଛାଦିତ ଆଶ୍ରମ
ଦେଖି ସାର୍ଥ ମୋର ହେଲା ପରିଶ୍ରମ ।
ମନେ ମନେ ଧାୟୀ ନମିଲି ସାଗ୍ରହେ
ଦେବାତ୍ମନ ସୀତା-ଶ୍ରୀରାମ ବିଗ୍ରହେ ॥

ଗିରିଚୂଡ କ୍ରମେ କରି ଆରୋହଣ
ଦେଖିଲି ପ୍ରକୃତି ବିବିଧ ବରଣ ।
ଉଚ୍ଚୁ ଉଚ୍ଚତର ହୋଇ ସାନୁମାନ
ଦିଶୁଥାନ୍ତି ଯଥା ତ୍ରିଦିବ ସୋପାନ ॥

ପରସ୍ପରେ କରି ସଂପର୍କ ସଂଲଗ୍ନ
ବିଶ୍ୱହିତ-ବ୍ରତେ ସଦା ଚିନ୍ତାମଗ୍ନ ।
ସପ୍ତଋଷି ସମ-ସପ୍ତ ସାନୁମାନ
ହୋଇଛନ୍ତି ଊର୍ଦ୍ଧ୍ୱେ ଦିବ୍ୟ ବପୁଷ୍ମାନ ॥

ସୁବିଶାଳ ଶୈଳ-ମାରକତ ଦୁର୍ଗ
ପ୍ରକୃତିର ଏ କି ଶୋହେ ଯୁଗ ଯୁଗ ।
ସ୍ୱର୍ଗୀୟ-ଉଲ୍ଲାସେ ତରୁ ତୃଣବନ
କରୁଥାନ୍ତି ଊର୍ଦ୍ଧ୍ୱ -ସମୀର ସେବନ ॥

ହେ ଗିରି ପୁଙ୍ଗବ ! ଆରୋହଣେ ତୋର
ସ୍ୱର୍ଗୀୟତା ହେଲା ଅନୁଭବ ମୋର ।
କ୍ରମେ ଯେତେ ଦୂର ହେଲି ଅଗ୍ରସର
ଭାଗୀ ହେଲି ତେତେ ସ୍ୱର୍ଗୀୟ ସୁଖର ॥

*****

ଜହ୍ନିତଇଳା, ଢେଙ୍କାନାଳ

# ମୁଁ ପବନ କହୁଛି

ସଂଯୁକ୍ତା ରାଉତ

ନାହିଁ ମୋର ରୂପ ନାହିଁ ମୋର ରଙ୍ଗ
ସବୁଠାରେ ମୁଁ ଯେ ଥାଏ ।
ଶୀତଳ ପରଶେ ଅତି ସନ୍ତର୍ପଣେ
ସମସ୍ତଙ୍କୁ ଛୁଇଁ ଯାଏ ॥

ମୋ' ପାଇଁ ତିଷ୍ଠିଛି ଏ ଜୀବଜଗତ
ମୁଁ ଅଟେ ସବୁରି ପ୍ରାଣ ।
ଏମିତି ଜଗତେ ନାହିଁ କେଉଁ ଜୀବ
ମୋ' ବିନା ଧରେ ଜୀବନ ॥

ଅଦୃଶ୍ୟରେ ଥାଏ ଅନୁଭବେ ମୁହିଁ
ନ ଚିନ୍ତଇ କା'ର କ୍ଷତି ।
ଧୂଳି ଧୂଆଁ ଶବ୍ଦ ବିଷାକ୍ତ କରିଛି
ଆଜି ଅଥୟ ମୋ' ସ୍ଥିତି ॥

ହେ ବିଜ୍ଞାନୀ ନର ହୋଇ ଆଧୁନିକ
ମତିଭ୍ରମେ ପଥଭ୍ରଷ୍ଟ ।
ଜୀବଜଗତର ପ୍ରାଣ କେନ୍ଦ୍ର ମୁଁ ଯେ
କରୁଅଛ ମୋତେ ନଷ୍ଟ ॥

ବାୟୁ ନାମ ମୋର ବହିଲେ ପବନ
ଅଟେ ଅତି ମୂଲ୍ୟବାନ ।
ପରିବେଶର ମୁଁ ଅଟେ ଏକ ଅଂଶ
ପ୍ରକୃତିର ଅବଦାନ ॥

ପ୍ରଗତି ନାଆଁରେ ମନମତ୍ତ ଗର୍ବେ
କରୁଛ ବିବିଧ ଫାନ୍ଦ ।
କଳୁଷ କରୁଛ କଳେବର ମୋର
ନିଜ ସ୍ୱାର୍ଥେ ହୋଇ ଅନ୍ଧ ॥

ଜୈବ ବିବିଧତା ନଷ୍ଟ ଭ୍ରଷ୍ଟ କରି
ନିଜ ବଇରି ସାଜୁଛ ।
ହାହାକାର ସ୍ୱର ଶୁଭେ ଚତୁର୍ଦ୍ଦିଗେ
କେବେ କିଛି ନ ଶୁଣୁଛ ॥

ପ୍ରଯୁକ୍ତି ବିଦ୍ୟାରେ ପାରଙ୍ଗମ ହୋଇ
ମୋ' ସାଥେ ନିତି ଖେଳୁଛ ।
ପ୍ରଳୟ ତାଣ୍ଡବ ରଚିଲା ବେଳକୁ
ମୋ' ଦୋଷ ମିଛେ ଦେଉଛ ॥

ପବନ ମୁଁ କହେ ଛୋଟ କଥା ମାନ
ବେଳହୁଁ ହୁଅ ସତର୍କ ।
ପ୍ରଦୂଷଣ ମୁକ୍ତ ରଖ ପରିବେଶ
ନ କରି କିଛି ବିତର୍କ ॥

ସୁସ୍ଥ ପରିବେଶ ନିରୋଗ ଜୀବନ
ଏକଥାଟି ମନେ ରଖ
ବିଶୁଦ୍ଧ ବାୟୁ ଯେ ଦେହ ପାଇଁ ହିତ
ରୋଗ ନ ମାଡ଼ିବ ପାଖ ॥

*****

ଜୟପୁର, କୋରାପୁଟ

# ପ୍ରାପ୍ତି

ସ୍ୱୟଂସିଦ୍ଧା ମିଶ୍ର

ଏବେ ବସି ରୁହ ଏମିତି
ଚୁପଚାପ୍ ହାତ ବାନ୍ଧି,
ସ୍ଥିର ନିଶ୍ଚଳ ହୋଇ
ସମୟ ଆସିଲେ ଭାସିଯିବ ଆପେ ଆପେ,
କେହି ନଥିବେ ବାଧା ଦେବାକୁ
ବା ଆଗେଇ ଆସିବେନି ଧରି ରଖିବାକୁ
କାହିଁକି ଜାଣ ?
ସଭିଁଏ ପରା ଆଗେଇ ଚାଲିଥିବେ
ନିଜ ବାଟରେ, ପ୍ରଖର ସ୍ରୋତରେ
କିଏ ସେଥିରୁ ଖୁସି ସାଉଁଟୁ ଥିବ
ଆଉ କିଏ ବିକଳ ହେଉଥିବ
ହେଲେ ତୁମେ...
ନୀରବ ଓ ନିରୀହ ଏକ ପ୍ରାଣ ପରି
ଭାସି ଭାସି ଚାଲିବ
ଆଉ ପଛରେ ଶୁଭୁଥିବ
ବିଜୟର ଅଦୃଶ୍ୟ ବିଗୁଲ୍ ।

*****

ଯାଜପୁର

# ଏତେ ଡର କାହାକୁ ?

ଅର୍ଘ୍ୟରୂପା ସ୍ୱାଇଁ

ଏତେ ଡର କାହାକୁ ?
ସେଇ ହଜିଯାଉଥିବା ସମୟକୁ
ନା ସେଇ ହଜିଯାଉଥିବା ନିଜକୁ,
ତୁମେ ଥିବ
ଆଉ ଏକ ଦୁନିଆଁ ଥିବ
ସେମିତି ତ ଦିନରାତି ହେଉଥିବ
ସେଇ ସମୟର ହଜିଯାଉଥିବା
ଆଉ କିଛି ବର୍ତ୍ତମାନ ଅତୀତ ହେବାର କଳ୍ପନା କରୁଥିବ ।

ଏତେ ଡର କାହାକୁ ?
ସେଇ ଲିଭି ଯାଇଥିବା ପଦଚିହ୍ନକୁ
ନା ସେ ଆଗମନ ଅଭିଳାଷରେ ଆସୁଥିବା ପାଦକୁ,
ତୁମେ ରହିଯିବ
କିଛି ପୁଣି ଭାବନାରେ ବୁଡିଯିବ
କ୍ଷୀଣ ହେଉଥିବ ତୁମର ନିଜର ପାଦ ଶବ୍ଦ

ହେଲେ ବାରମ୍ବାର କାହାକୁ ଚାହିଁ ରହିଥିବ ।

ଏତେ ଡର କାହାକୁ ?
ତୁମର ହଜିଯାଇଥିବା ସ୍ୱପ୍ନକୁ
ନା ବାରମ୍ବାର ଆଖିରେ ଝଲସୁଥିବା ବାସ୍ତବତାକୁ,
ସ୍ୱପ୍ନ ବି ମରିବ
ପୁଣି ଜନ୍ମନେବ ନେବ ଆଉଗୋଟେ ସ୍ୱପ୍ନ
ପାଉଁଶରୁ ଜନ୍ମ ନେବ ଆଉ ଗୋଟେ ସ୍ୱପ୍ନରେ ବଞ୍ଚୁଥିବା ଜୀବନ ।

ଏତେ ଡର କାହାକୁ ?
ତୁମ ନିଜର ପ୍ରତିଛବିକୁ
ନା ନିଜ ଭିତରେ ଥିବା ଅଜଣା ଛବିକୁ,
ହୁଏତ ଅନ୍ଧକାର ହଟିଯିବ
ପୁଣି କ'ଣ ତୁମେ ଖୋଜିପାରିବ
ସ୍ୱଚ୍ଛ ଆଲୁଅର ଭିତରେ ଗୁମୁରୁଥିବା ତୁମ ନିଜକୁ
ପୁଣି ଅନ୍ଧକାରକୁ ଝୁରୁଥିବା ତୁମ ସେଇ ଚିହ୍ନା ମୁହଁକୁ

ଏତେ ଡର କାହାକୁ ?
ସେଇ ଡର ତୁମେ ନିଜେ ନୁହେଁ ତ !
ତୁମ ପାଇଁ ବଞ୍ଚୁଥିବା ଆଉ କେତେଟା ଜୀବନ ନୁହେ ତ !

ହୁଏତ ଏଇଠି ସରିଯିବ ମୋ କାହାଣୀ,

ଆଉ କାହାଣୀ ଲେଖିବାକୁ ଏ ଜୀବନ ବି ନଥିବ,

ହେଲେ ଏତେ ଡର କାହାକୁ ?

ମୋର ଜୀବନ୍ୟାସ ପାଇବାକୁ ନା ତୁମ ବଞ୍ଚିବାର ଇଚ୍ଛାକୁ !

*****

ଢେଙ୍କାନାଳ

# ମଧୁ ମହ୍ଲାର

ପ୍ରଥମ ଭାଗ

ଶିବ ଚରଣ ମହାପାତ୍ର

କମଳ ବଦନୀ ବଦନେ ତେଜ କାହିଁକି.. ?

ପରାଣ ପୁରୁଷ ପରଶ ପିଣ୍ଡ ଛୁଏଁକି.. ?

କମଳ ବଦନୀ ବଦନେ ତେଜ କାହିଁକି.. ?

କାଖେ କଳସୀ ଧରି

ପ୍ରୀତି ପୀୟୂଷ ଭରି

କନ୍ଦର୍ପ ବାଣ ଘାତରେ ଆଘାତ ହେଲ କି.. ?

କମଳ ବଦନୀ ବଦନେ ତେଜ କାହିଁକି.. ?

ବୈାଳ ଝରିଲା ବାଳେ

ବାସ ଖେଳିଲା କୋଳେ

କୁସୁମାଞ୍ଜଳି କାମନା ଜାଳି ଦେଲା କି.. ?

କମଳ ବଦନୀ ବଦନେ ତେଜ କାହିଁକି.. ?

ନେତ୍ର ନୃତ୍ୟେ ସର୍ବତ୍ର

ଆଙ୍କି ନୟନେ ଚିତ୍ର

ସପନ ଜହ୍ନ ହାତରେ ଧରି ନେଲା କି.. ?
କମଳ ବଦନୀ ବଦନେ ତେଜ କାହିଁକି.. ?

ଛୁଏଁ ନଛୁଇଁ ତନ
ପ୍ରେମୀ ପୁରୁଷ ମନ
ଭାବନା ଯେତେ ଅଭାବେ ଭାସି ଗଲେ କି.. ?
କମଳ ବଦନୀ ବଦନେ ତେଜ କାହିଁକି.. ?

ହୃଦେ ପ୍ରୀତି ତରଙ୍ଗ
ମଧୁ ମହ୍ଲାର ରାଗ
ମଧୁ ରସ କୁମୁଦିନୀ ସିଞ୍ଚି ହେଲ କି.. ?
କମଳ ବଦନୀ ବଦନେ ତେଜ କାହିଁକି.. ?

ଜର୍ଜରିତ ଏ ରାତି
ଜ୍ୟୋସ୍ନା ଜୀବନେ ତାତି
ମନ ସାଥେ ମନ ମାନ ଯୋଡି ଦେଲା କି.. ?
କମଳ ବଦନୀ ବଦନେ ତେଜ କାହିଁକି.. ?

କେଳି କଦମ୍ବ ବନ
ଲତା କୁଞ୍ଜ କାନନ
ଆଖି ଦେଖା ସାକ୍ଷୀ ଆଜି ସାଜି ଗଲେ କି.. ?

କମଳ ବଦନୀ ବଦନେ ତେଜ କାହିଁକି.. ?

ସପ୍ତ ଋତୁ ବସନ୍ତ
ନାହିଁ ବରଷା ଶୀତ
ପିରତିର ସୁପ୍ତ ଋତୁ ଲେସି ଦେଲେ କି.. ?
କମଳ ବଦନୀ ବଦନେ ତେଜ କାହିଁକି.. ?

ଲୁହ ଲହୁର ଗାଥା
ଲେଖା ପୁରୁଣା କଥା
କାହାଣୀ କାବ୍ୟ ନାୟିକା ତୁମେ ଥିଲ କି.. ?
କମଳ ବଦନୀ ବଦନେ ତେଜ କାହିଁକି.. ?

କଟି ବସନ ଖୋଲି
ପାଦ ଫିଙ୍ଗି ପାଖାଲି
ସାରା ରାତି ରତି ରଙ୍ଗେ ସଙ୍ଗ ହେଲ କି.. ?
କମଳ ବଦନୀ ବଦନେ ତେଜ କାହିଁକି.. ?

ଚିନ୍ତା ଚେତନା ମୋର
କଳ୍ପ ମାନସ ଘର
ଭାବନା ବଉଦ ଦବି ଭିଜି ଗଲେ କି.. ?
କମଳ ବଦନୀ ବଦନେ ତେଜ କାହିଁକି.. ?

*****

ଚକ୍ରଧରପୂର, କେନ୍ଦୁଝର

# ରଜ ମଉଜ

ନିବେଦିତା ମହାପାତ୍ର

କୃଷି ପ୍ରଧାନ ଏ ଓଡିଶା ପ୍ରଦେଶ
ବର୍ଷସାରା କୃଷକ କରଇ ଚାଷ ।
ଧରା ବର୍ଷଣ କଲେ ଆତ୍ମପ୍ରକାଶ
କୃଷିକାର୍ଯ୍ୟରୁ ସେ ନିଏ ଅବକାଶ ॥

କଜ୍ଜଳ ଲୋଚନା ବର୍ଷା ଆଗମନ
ଶାନ୍ତ ସଲିଳର ଧାରା ପ୍ରବାହନ ।
ଦୂର କରେ ନିଦାଘର ନିପୀଡନ
ପୁଲକିତ ହୁଅଇ ଅବନୀ ମନ ॥

ନିଃଶେଷ ହୋଇଲେ ଜଗତର କ୍ଳେଶ
ତାପକ୍ଳିଷ୍ଟା ଧରାକୁ ମିଳେ ଆଶ୍ୱାସ ।
ପାଇ ଆଷାଢର ପହିଲି ପରସ
ଧୂସର ଧରଣୀ ହୁଅଇ ରଜସ୍ ॥

କଲ୍ୟାଣମୟୀ ରୂପରେ ଆର୍ବିଭୂତା
ପୂର୍ଣ୍ଣ ଯୌବନ ପ୍ରାପ୍ତ ଧରିତ୍ରୀ ମାତା ।
ନୂତନ ସୃଜନ ସ୍ୱପ୍ନେ ଅଭିଭୂତା
ହୁଅଇ ଶ୍ୟାମଳ ଶୋଭାରେ ମଣ୍ଡିତା ॥

ଜ୍ୟେଷ୍ଠ ଶେଷ ଆଷାଢର ଦୁଇଦିନ
ରଜ ଉତ୍ସବକୁ କରନ୍ତି ପାଳନ ।
ପହିଲିରଜ ଠାରୁ ଭୂମି ଦହନ
ଆମୋଦ ପ୍ରମୋଦରେ ବିତାନ୍ତି ଦିନ ॥

ଆସଲୋ ସଙ୍ଗାତ ଆସ ମୋ ଭାଉଜ
ମିଳିମିଶି ଆମେରେ ପାଳିବା ରଜ ।
ଅଳତା କୁଙ୍କୁମେ ହୋଇ ସଜବାଜ
ଆନନ୍ଦ ମନରେ କରିବା ମଉଜ ॥

କରିବା ନବ ବସ୍ତ୍ରକୁ ପରିଧାନ
ଗୁଆ ପାଟୁକାକୁ ପାଦୁକା ସମାନ ।
ପୋଡପିଠା ତାମ୍ବୁଲ କରି ବଣ୍ଟନ
ସଭିଙ୍କୁ ବାନ୍ଧିବା ମୈତ୍ରୀର ବନ୍ଧନ ॥

କ୍ରିଡା କୌତୁକ ନାଚଗୀତ ଆସର
ବନ୍ଧୁଗହଣରେ ପୁରି ଉଠେ ଘର ।
କର୍ମ ଜଞ୍ଜାଳରୁ ମିଳେ ଅବସର
ଜୀବନଟା ହୁଏ ଆନନ୍ଦ ମୁଖର ॥

ବାଳିକା ସକଳ ହୋଇ ଏକତ୍ରିତ
ଦୋଳିରେ ଝୁଲି ହୁଅନ୍ତି ଉଲ୍ଲସିତ ।
ସୁଲଳିତ କଣ୍ଠେ ତାଙ୍କ ରଜଗୀତ
ଗ୍ରାମ୍ୟ ପରିବେଶକୁ କରେ ମୁଖରିତ ॥

ଶାନ୍ତି ସୌହାର୍ଦ୍ଦ୍ୟର ପର୍ବ ଏ ଅଟଇ
ଏକତା ଡୋରିରେ ସଭିଙ୍କୁ ବାନ୍ଧଇ ।
ଧରାଧାମକୁ ଏହା ଯେବେ ଆସଇ
ମୌସୁମୀ ମୃତ୍ତିକା ମିଳନ ଘଟଇ ॥

*****

ଗୋପିନାଥ ପୁର, ପୁରୀ

# ମୁଁ ନାରୀ ଟିଏ ମୋତ ବଞ୍ଚିବାକୁ ଦିଅ

ତପସ୍ୱିନୀ ଦାଶ ଷଡଙ୍ଗୀ

ମୁଁ ନାରୀ ଟିଏ,

ବଞ୍ଚିବାକୁ ଚାହେଁ, ଶାନ୍ତିର ନିଃଶ୍ୱାସ ଚାହେଁ

କାହିଁକି ଏ ନିର୍ଯ୍ୟାତନା ମୋ ପ୍ରତି

ମା' ର ଗର୍ଭରୁ ଅତ୍ୟାଚାରିତା ମୁଁ

ଫୁଲ ହୋଇ ଫୁଟିବାକୁ ଚାହେଁ,

ମୋ ମହକରେ ମହକିତ କରିବାକୁ ଚାହେଁ

ହେଲେ ବୀଜ ଟିଏ ହେଉ ହେଉ ମା' ର ଗର୍ଭରେ

ମୋତେ ଖିନ୍ ଭିନ୍ କରି ଦିଅନ୍ତି ।

ମୁଁ ନାରୀ ଟିଏ,

ମନରେ ଅନନ୍ୟ ସ୍ୱପ୍ନର ସମ୍ଭାର

ଅଲିଅଳି ରାଜ କୁମାରୀ ମୋ ବାପା ମା' ଙ୍କର

ମୋ ବାପା ଧନରେ ଗରିବ ହେଲେ ମୋ ପାଇଁ ରାଜା

ମୋ ପାଇଁ କମଳ ଦେଶର ରାଜକୁମାର ଖୋଜି ବୁଲନ୍ତି

ଆଉ ଯେତେବେଳେ ନୁଆର ସଂସାରରେ ପାଦ ଦିଏ,

ମନରେ ଅକାତ କାତ ଉନ୍ମାଦନା
ଆଉ ଅଜଣା ଡର ନୂଆ ପରିବାରକୁ ନେଇ,
ହେଲେ ମୋ ଶିକ୍ଷା ସଂସ୍କାର ଅଯୋଗ୍ୟ ହୋଇଯାଏ
ସେ ଯୌତୁକ ଲୋଭି ରାକ୍ଷସଙ୍କ ପାଶେ
ଜଳି ଯାଏ ମୁଁ ଯୌତୁକ ଅନଳରେ ।

ମୁଁ ନାରୀ ଟିଏ,
ଦେହରେ ମୋର ଭରା ଯୌବନର ଧାରା
ସୁନ୍ଦର ପ୍ରଜାପତି ପରି ଉଡି ବୁଲିବାକୁ ଚାହେଁ
ତନ ମନରେ ଉଚ୍ଛୁଳା ନଦୀ ପରି
ମୋ' ର ଏ ସବୁ ଫିକା ପଡିଯାଏ
ସେଇ ଯୌନ ପିପାଶୁ ଶ୍ୱାନଙ୍କ ଆଗରେ
ନା ମୋର ଆକୁଳ ଚିତ୍କାର,
ନା ମୋର କରୁଣ ନିବେଦନ
ସେମାନଙ୍କ ହୃଦୟ ତରଳେ
ଖାଇ ଯାଆନ୍ତି ମୋର ଶରୀରକୁ ତନ୍ନ ତନ୍ନ କରି
ନିର୍ଭୟା ଆଉ କୁନ୍ଦୁଲି ପୀଡିତାର ପରିଚୟ ନେଇ
ଛାଡି ଦିଏ ଶେଷ ନିଶ୍ୱାସ ।

ମୁଁ ଗୋଟିଏ ନାରୀ,
କେବେ କାନ୍ଦୁଥାଏ ଗୁମୁରି
ସେଇ ବୃଦ୍ଧାଶ୍ରମର ଚାରିକାନ୍ଥ ଭିତରେ,
ପୁଅ ଜନ୍ମ ଦେଲି ମୁହିଁ
ସଭିଏଁ କହିଲେ ସେ କାଳେ ମୋତେ
ପୁତ୍ ନରକରୁ ଉଦ୍ଧରିବ
ହେଲେ ମୋ ସ୍ୱପ୍ନ ଧୂଳିସାତ୍ ହୋଇଗଲା
ଶେଷରେ ହୃଦୟଙ୍ଗମ ହେଲା ମୋ
କୋକେଇ ଉଠିବ ଏଇ ଆଶ୍ରମରୁ ।
ହେ ସମାଜ ମୁଁ ବଞ୍ଚିବାକୁ ଚାହେଁ ଶାନ୍ତିରେ
ମିଳିବ କି ମୋତେ ମୁକ୍ତି ଏ ଯନ୍ତ୍ରଣାରୁ ।

ମୁଁ ନାରୀ ଟିଏ ସୃଷ୍ଟି କାରିଣୀ ମୁଁ ଏ ସଂସାରର
ମୋ ବଳିଦାନର ମୂଲ କିଛି ନାହିଁ ?
ଖାଲି ଅତ୍ୟାଚାର ଲୁହ ଆଉ ଅଦେଖା କୋହ ॥

*****

ବେଙ୍ଗାଲୁରୁ

# ଭୁଲ ନାହିଁ

ସୁନିତା ବାରିକ

ହାରିବା ଜିତିବା ଖେଳ
ଜୀବନ ଏ
କିଏ ଜିତେ ପୁଣି
କିଏ ତ ହାରେ,
ଦୁନିଆ ଦାଣ୍ଡରେ ବାଟ
ଚାଲୁଚାଲୁ
ଝୁଣ୍ଟିପଡେ ବେଳେ
ଅମଡ଼ା ବାଟେ
ଜୀବନ ଯାକର ତ୍ୟାଗ
ବଳିଦାନ ହୋଇ ଯାଏ
ତୁଚ୍ଛ ପିଲା ଆଗରେ
ହାତ ପାଇଗଲେ
ମୁଣ୍ଡକୁ ଥରେ

ବୁଢା ବାପଟାକୁ କିଏ ପଚାରେ
ପିଲାଦିନେ ଏଇ କାନ୍ଧରେ ବସେଇ
ବୋହିଛି ସେ କେତେ
ଯାତରା ତିଥ
ଏବେ କିନ୍ତୁ ତାର ଭାର ବୋହିବାକୁ
ପିଲାଙ୍କୁ ଲାଗଇ ଅନେକ ବୋଝ
ନିଜେ ତ ନ ଖାଇ
ପିଲାଙ୍କ ତୁଣ୍ଡରେ ଆହାର ଦିଏ
ସେଇ ପିଲା ଏବେ ବଡ଼
ହେଲାପରେ ଖାଇବା ନଦେଇ
ବାରଦ୍ୱାର ବୁଲାଏ
ପାଠପଢି ତୋତେ
ଭଲ ମଣିଷକରି

ଗଢ଼ିବାକୁ କେତେ ଝାଳ ନିଗାଡେ

ବଡ଼ ହେଲାପରେ ସେଇ ପିଲା

ପୁଣି ବାପ କହିବାକୁ କାଳେ

ଲାଜ ତ ମାଡେ

ଶେଷ ବେଳେ ଯେବେ ତୁମ

ଆଶରା ଲୋଡା

ମୁହଁ ମୋଡ଼ି ଦେଇ ବାଟ ତୁ ଭାଙ୍ଗୁ

କର୍ତ୍ତବ୍ୟ ଆଳରେ

ଜରାଶ୍ରମେ ଛାଡି

ଭାବୁଅଛୁ ତୁ କି

ମହତ କରମ କଲୁ !

ଭୁଲ ନାହିଁ ତୁହି ଯେମିତି

ରୋଇବୁ ସେମିତିଆ ଦିନେ

ଫଳ କାଟିବୁ

ଆଗ ହୁଁ ଧନ ସାବଧାନ ହୋଇ

ସବୁଯାକ ତୋର

କର୍ମ କରିବୁ ।

ପିତାମାତା ଠାରୁ ବଡ଼ ଦେବତା

ଆଉ କେହି ନାହିଁ

ଏ ସାରା ଜଗତେ

ଚଳନ୍ତି ପ୍ରତିମା ସିଏ ପରା ଆମ

ଦେବା ନାହିଁ ତାଙ୍କ

ଆଖିରେ ଲୁହ,

ସକଳ ତୀର୍ଥ ତାଙ୍କ ପାଦତଳେ

ଲୋଡା ନାହିଁ ଓଷା ତୀର୍ଥ ଯାତରା...॥

*****

ଦକ୍ଷିଣକାଳୀ ରୋଡ୍, ଢେଙ୍କାନାଳ

# ଆଞ୍ଜୁଳାଏ ଶୂନ୍ୟତା

ରୋଜାଲିନ ସାହୁ

ମୁହୂର୍ତ୍ତମାନଙ୍କ ନିକଟରେ ଅଲୋଡ଼ାପଣକୁ ଆତ୍ମସମର୍ପଣ
ବାଷ୍ପରୁଦ୍ଧ ପ୍ରତିଶ୍ରୁତିର ପୁନର୍ବାର ଜୀବନ୍ୟାସ
ଆଧୁନିକତାର ଭବ୍ୟ ମହଲରେ
ପୁଣି ହଜିଯାଏ ଅତୀତ ।

ସଦ୍ୟଫୁଟା ଗୋଲାପର ଚହଟେନି ବାସ
ଅସହାୟ ସ୍ୱପ୍ନମାନଙ୍କର ଅଭିସାର
କରିପାରିଲେନି ପ୍ରେମ ପ୍ରଣୟର
ଦଲିଲ୍ ଉପରେ ତୁମ ଦସ୍ତଖତ ।

ତୁମ ନୀରବତା ଏବଂ ମୋ ଚପଳତା
ମଧ୍ୟରେ ଫରକ୍ କଣ ଯେ,
ପ୍ରାପ୍ତି ଓ ଅପ୍ରାପ୍ତି ମଧ୍ୟରେ ଝୁଲିଥିବା
ଶେଷ ବିଶ୍ୱାସ ।

ତଥାପି ଆଖିରେ ଅୟୁତ ଯୁଗର ପ୍ରତୀକ୍ଷା...

ତୁମେ ଥରୁଟିଏ ଆସ ମୋ ସବୁଜ ସାମ୍ରାଜ୍ୟକୁ
ଶୋଷ ଅବଶୋଷର ପ୍ରାଚୀର ଭେଦି
ମୁଁ ଆଙ୍କିଦେବି ଭଙ୍ଗା ହୃଦୟରେ
ସେହି ମହାର୍ଘ୍ୟ ମିଳନର ଯୁଗଳ ଦୃଶ୍ୟ ।

ତୁମେ ଜାଣିଛ,
ତୁମେ ଗଲାପରେ କଦମ୍ବ ଗଛରେ
ଫୁଟୁନାହିଁ ଆଉ ଆଗଭଳି ଫୁଲ
ମନଚୋରି କରେନାହିଁ ରସସିକ୍ତ ମଳୟ ପବନ...
ସମୁଦ୍ରର ବେଳାଭୂମିରେ ନା ଆସେ ଜୁଆର
ମଧୁଶାଳା ମଧ୍ୟ ଏଠି ରଙ୍ଗହୀନ...

କିନ୍ତୁ ମନେରଖ,
ଦୁଃଖର ଗିରିଶୃଙ୍ଗରୁ ଝରି ଆସୁଥିବା
ଦୁଇଧାର ଲୁହ,
ଯାହା ସାତ ସମୁଦ୍ରକୁ ଉତ୍ତାଳ କରିଦିଏ
ନିଃଶବ୍ଦରେ କେବଳ !

ସ୍ଥିତ ହରାଇଛି ନିରାଶା ଅକ୍ଷରେ
ଲୁଚିଛପି ଜାଳିଥିବା ଆଲୋକ
ନିର୍ଜୀବ ଆଇନା ସମ୍ମୁଖରେ ମିଥ୍ୟା ଅଭିନୟ,
ତଥାପି ଆଜି ମୁଁ ଅନୁତପ୍ତ...
ତୁମେ ଅନ୍ଧକାର ରାତ୍ରିର ଜନପଥ
ମୁଁ ସଙ୍ଗୀତର ଶବ୍ଦହୀନ ସଂଳାପ ।

ଏଯାବତ୍ ସ୍ୱାଧୀନ ତୁମ ପ୍ରୀତିର ଉଷ୍ମତା
ଶେଷ ଫଗୁଣର ଅପରାହ୍ନେ
ପାପୁଲିରେ ଭରିଦେଲ
ଆଞ୍ଜୁଳାଏ ଶୂନ୍ୟତା ।

*****

ରଙ୍ଗତୋଟା, ଗୋପ, ପୁରୀ

# ତୁମର ସେଇ ଆଲେଖ୍ୟ

ଅମ୍ରିତେଶ ଖଟୁଆ

ତୁମେ ଗୁଞ୍ଜରଣେ କହିଗଲ ପ୍ରାଣେ
ଜୀବନ ଅଟଇ ଖେଳ,
ଜାଣିନାହିଁ ବୋଧେ ପରମାଦ ସାଧେ
ସଦା ତୁମ କଥା ମେଳ ।

କେତେକ ରଚନା କରିବ ତୁମ୍ଭେ ଯେ
ପ୍ରଦିଶ୍ବ ଖେଦର ମେଳେ,
ନିର୍ବାପିତ ପ୍ରାଣ ଇତିବୃତ୍ତ ସାଜେ
ସଦା ତୁମ୍ଭ ଉକ୍ତି କୋଳେ ।

କଷଣ କାରାରେ କାହିଁ ସାଜ ବନ୍ଦୀ
କାହିଁ କର ସ୍ୱ-ଅନ୍ୟାୟ,
କେବଳ କଥାରେ ମନର ବ୍ୟଥାରେ
ଚାପି ତୁମ୍ଭେ ତୁମ ଥୟ ।

ଆରେ ବୁଝ ମିତ ଜୀବନ ଏମନ୍ତ
ମୌସୁମୀ ନିର୍ଝର ପ୍ରାୟ,
ନିଷ୍ପ୍ରାଣ ହୃଦୟେ ବେଳକେ ଝରଇ
ସବୁ ପାଇଁ ରଖ ଲୟ ।

ସରଳ ପରାଣ ତୁମ୍ଭରେ ବିରାଜି
କରେ ଆତ୍ମା ମଧୁରିମା,
କିଆଁ କର ତାକୁ ବେପରୁଆ କାନ୍ତ
ଛିନ୍ନ କରି ମନୋରମା ।

ତମିସ୍ରା ନଥିଲେ ଡାକିଲ ସହସ୍ର
କରାଳ ଏ ବିଡମ୍ବନା,
ପ୍ରହୃଷ୍ଟ ବେଦନା ରଚେ ଚକ୍ରବ୍ୟୂହ
ଅଭିମନ୍ୟୁ ସଦା ବଣା ।

ଶୁଣିବାକୁ ତିଳେ ବୁଝିବାକୁ ହେଲେ
ଲୟ କର ପଞ୍ଚେନ୍ଦ୍ରିୟ,
ଏଠାରେ ରହିଛି ଠୁଳ ସବୁ ପ୍ରେମ
କ୍ଷୟ କର ସବୁ ଭୟ ।

ବାରେ ବାରୁଥିଲେ ଜୀବନ ସଲିଳେ
ହୋଇବାକୁ ନିଜ ମୀନ,
କିବା ଡେଇଁ ଶିରୀ ଛିନ୍ନ କର ବୈରୀ
କରି ମୁକ୍ତ ନିକେତନ ।

*****

୨୩୭, ଫେଜ- ୨, କାନନ ବିହାର,
ପଟିଆ, ଚନ୍ଦ୍ରଶେଖରପୁର, ଭୁବନେଶ୍ୱର

# ଗୁରୁ ଉପାସନା

ରୋଜା ପଣ୍ଡା

ଗୁରୁ ଅଟନ୍ତି ପ୍ରଭୁଙ୍କର ଶ୍ରେଷ୍ଠତମ ସର୍ଜନା
ତାଙ୍କ ଦାନ ଅତୁଳନୀୟ, ନାହିଁ ତାର ଉପମା ।
ରହିଥିଲେ ଗୁରୁଙ୍କର ଆଶୀର୍ବାଦ ଶିରରେ
ଦିବ୍ୟଜ୍ଞାନ ମିଳେ ପରା ସଭିଙ୍କୁ ଏ ମହୀରେ ।
ମାର୍ଗଦର୍ଶକ ଭାବରେ ଗୁରୁ ସଦା ପୂଜିତ
ତାଙ୍କ ଦ୍ୱାରା ନିର୍ଦ୍ଦେଶିତ ପଥ, ସଦା ସୁସଜ୍ଜିତ ।
ଜ୍ଞାନ ସହ ବୁଦ୍ଧି, ବିବେକ ଆଉ ମାନବିକତା
ଶିଖାନ୍ତି ସେ ସମସ୍ତଙ୍କୁ ରଖିବାକୁ ଏକତା ।
ଗୁରୁ ଶିଷ୍ୟ ପରମ୍ପରା ରହିଅଛି ଯୁଗେ ଯୁଗେ
ପ୍ରାଚୀନ ଠୁ ଆଧୁନିକ, ସମ୍ମାନିତ ସବୁ ଯୁଗେ ।
ଏକଲବ୍ୟ ଛେଦ କଲେ ବୃଦ୍ଧାଙ୍ଗୁଠି ନିଜର
ଗୁରୁଙ୍କ ଦକ୍ଷିଣା ଭାବେ ଦେଲେ ତାହା ସତ୍ୱର ।
ଯୁଗେ ଯୁଗେ ଗୁରୁ ପୂଜ୍ୟ ପାଇଥାନ୍ତି ସମ୍ମାନ
ଗୁରୁ ନିନ୍ଦା କଲେ ନର୍କେ ନମିଳଇ ଆସ୍ଥାନ ।

ଭାବ ବନ୍ଧନେ ବୁଡି ଗୁରୁ ଦିଅନ୍ତି ଆମକୁ ଜ୍ଞାନ
ଆଲୋକର ଉତ୍ସ ହେଇ ଦୂରୀଭୂତ କରନ୍ତି ଅଜ୍ଞାନ ।
ଶିଷ୍ୟ ଯଶ କୀର୍ତ୍ତି ଅଟେ ଗୁରୁଙ୍କର ସମ୍ପତ୍ତି
ଶିଷ୍ୟ ଠାରୁ ପରାଜୟ, ତାଙ୍କ ପାଇଁ ଅତ୍ୟନ୍ତ ଖୁସି ।
ଗୁରୁ ଆଉ ଶିଷ୍ୟଙ୍କର ଅଦ୍ଭୁତ ଭାବ ସମ୍ପର୍କ
ଶିଷ୍ୟର ବିକାଶ ପାଇଁ ଗୁରୁ ଉପାସନା ହିଁ ଏକମାତ୍ର ମାର୍ଗ ।

*****

ମଧୁପାଟଣା, କଟକ

# ପ୍ରତାରଣାର ପରିଣାମ

ମନୋଜ କୁମାର ପଣ୍ଡା

ଜନନୀ ଜଠରୁ ପତିତ ହେଲାରୁ
ପୃଥ୍ୱୀ ମାତା ସ୍ନେହେ କୋଳାଇଲେ;
ଆନନ୍ଦେ ପରମ ସ୍ଥାବର ଜଙ୍ଗମ
ସ୍ୱାଗତର ସୁରେ ଭିଜିଗଲେ ।
ଦେଲେ ସେ ଅଜାଡ଼ି ପ୍ରୀତି ଅସୁମାରି
ଅମୃତ ବାରି ଯେ ସମୀରଣ;
ଐତିହ୍ୟର କୀର୍ତ୍ତି ଦେଇ ଅନୁଭୂତି
ଶିଖାଇଲା ଜୀବନର ଜ୍ଞାନ ।
ହେଲେ ସେ ମାନବ ଏତେ ତାର ଲୋଭ
ଭୁଲିଗଲା ତ୍ୟାଗର ଅଧ୍ୟାୟ;
ବଢେ ଆୟୁ ଯେତେ ହିଂସ୍ର ହୁଏ ସେତେ
ନିର୍ଯ୍ୟାତିତେ ଦାନବିକ ପ୍ରାୟ ।
ପ୍ରଥମେ ବସୁଧା ଭାବି ଚପଳତା
ସହିନେଲେ ମମତା ବିରାଜି;
ତଥାପି ମନୁଷ୍ୟ କରେ ଅଟ୍ଟହାସ୍ୟ
ଆଦରକୁ ଦୁର୍ବଳତା ବୁଝି ।
ଯେବେ ଆପଣାର ସବୁଠୁ ନିଜର
ନିସଙ୍କୋଚେ ଦିଅନ୍ତି ବେଦନା;
ଅଳ୍ପ କଷ୍ଟ ମଧ୍ୟ କରିଦିଏ ବାଧ୍ୟ
ଶୁଖିବାକୁ ପ୍ରାଣର ଝରଣା ।
ପ୍ରତାରଣା ଅଗ୍ନି ବିକଟାଳ ଧ୍ୱନି-
କରି ଜାଳେ ମାନସିକ ଶୋଭା;
ଅନଳ ବିସ୍ତାରେ ଅନ୍ତରୁ ବାହାରେ
ସାଜି ଆଗ୍ନେୟଗିରିର ଲାର୍ଭା ।
ମନ ଚୁପି ଚୁପି କରୁଣ ବିଳାପି
ଶରୀରକୁ କରେ ଜ୍ୱରାକ୍ରାନ୍ତ;

ବଢେ ତାପମାତ୍ରା ତପ୍ତ ହୁଏ ଧରା
ହିମବାହ ତରଳେ ତ୍ୱରିତେ ।
ଛାତି ତଳ କୋହ ଝରେ ହୋଇ ଲୁହ
ନେଇ ତୀବ୍ର ବନ୍ୟାସ୍ରୋତ ରୂପ;
ଦୀର୍ଘ ଶ୍ୱାସ ଗତି, କ୍ରମରେ ଉନ୍ନତି
ଆସେ ମହାବାତ୍ୟା କରି କୋପ ।
କେତେବେଳେ ବକ୍ଷ ଧାରି ସବୁ ଦୁଃଖ
ତନୁ ଭାଙ୍ଗି ହୁଏ ଖଣ୍ଡ ଖଣ୍ଡ;
ଭୂସ୍ଖଳନ ହୁଏ ମାଟି ଫାଟିଯାଏ
ଭୂମିକମ୍ପ ରେ ଥରଇ ମୁଣ୍ଡ ।

ହୃଦୟର ଜ୍ୱାଳା ଅସହ୍ୟ ଅଧୀରା
ନିଜ ତୃଷ୍ଣା ଯାଏ ବଢ଼ି ବଢ଼ି;
କାଳ ଜିହ୍ୱା କାଢି ସବୁ ଦିଏ ଗିଳି
ନର ପିନ୍ଧେ ଶେଷେ ହାତକଡ଼ି ।
କରାଳ ପ୍ରକୃତି ବିଲୁପ୍ତ ତା ଶାନ୍ତି
ଅନିଚ୍ଛାରେ ସନ୍ତାନ ସଂହାରେ;
ଅସହାୟ ଜୀବ ଦେଖି ସେ ତାଣ୍ଡବ
ଅନୁତାପେ ପଙ୍ଗୁ ପରି ସଢ଼େ ।

*****

ଅଡା,ବାଲେଶ୍ୱର

# କେବଳ ମୋର

ପ୍ରଶାନ୍ତ କୁମାର ବେହେରା

ମୁଁ ତମକୁ ଦେଖେ
ଜହ୍ନର ମନୋମୁଗ୍ଧକର
ଖିଲିଖିଲି ହସରେ
ଗଭୀର ସମୁଦ୍ରର ଫୁଙ୍ଗୁଳା ଛାତିର
ନିସ୍ତବ୍ଧ ନୀରବତାରେ
ରାତ୍ରିର ପାହାନ୍ତିଆ ପ୍ରହରର
ଗାଢ ନିଦ୍ରାର ସପନରେ ।

ଆଉ ବି ଦେଖେ
ଝରା ଶ୍ରାବଣର
ଝିପିଝିପି ବର୍ଷାରେ
ଦୂର ଆକାଶରେ ଫୁଟିଥିବା
ସେଇ ଇନ୍ଦ୍ରଧନୁର
ରଙ୍ଗିନ୍ ଓଢଣୀ ଭିତରେ
ଉଦିତ ସୂର୍ଯ୍ୟଙ୍କର କଅଁଳିଆ
ବିକଶିତ ଲାଲ୍ ଲାଲ୍ ଆଭାରେ ।

ଏମିତି ଭିତରେ
ତମକୁ ଜଡିତ କରି
ଅତୀତର ସ୍ମୃତି ସବୁ
ସତେଜ ହୋଇ ନାଚିଉଠେ
ମନ ଆଇନାରେ ।

ତମର ମିଛ ମିଛ ରାଗ
ଢେର୍ ସାରା ଅଭିମାନ
ତମ ଓଠର ସେହି
ଅମୃତବୋଳା ହସ ଆଉ
ଆତ୍ମୀୟତାରେ ! ଭର୍ ପୁର୍ ସେଇ
ମାଦକ ଭରା ଚାହାଣି ।

ତମ ଦେହର ମତୁଆଲା ବାସ୍ନା
ପ୍ରୀତିଭରା ମିଠା ମିଠା କଥା
ଓଠର ତତଲା ସ୍ୱର୍ଶ
ପ୍ରଖର ନିଶ୍ୱାସ ସହ
ଆଲିଙ୍ଗନର ଅପୂର୍ବ ଶିହରଣରେ
ଭର୍ ପୁର୍ ସେଇ
ମିଳନର ଅନ୍ତିମ ମୁହୂର୍ତ୍ତ ।

ଏବେ ତ ସ୍ୱଷ୍ଟ
ମାୟାବିନୀ ପ୍ରେମିକା ତମେ
ମିଥ୍ୟା ପ୍ରତିଶ୍ରୁତିର ବୁଢିଆଣୀ ଜାଲରେ
ବାନ୍ଧି ପ୍ରଣୟର ଡୋରି
ନେଇଥିଲ ମୋତେ ଟାଣି
ପ୍ରେମର ସେଇ କୁହୁକ ନଗରୀ ।

ସେଇଠି ହରାଇ ଦେଇଛି ନିଜର
ସମସ୍ତ ମାନବୀୟ ସତ୍ତା
ଏବେ ଦିଗହରା କ୍ଳାନ୍ତ ପ୍ରେମିକ ମୁଁ
ଆତ୍ମା ମୋର କରେ ହାହାକାର ।

ତଥାପି ମନରେ ଉଠୁଛି ପ୍ରଶ୍ନ
ତମେ ତ ମୋର
ହଁ ହଁ କେବଳ ମୋର
ଆଉ କାହାର ହେବ କେମିତି କୁହ ତ ?

*****

ଅଧ୍ୟାପକ, ରାଜନୀତି ବିଜ୍ଞାନ ବିଭାଗ
ସ୍ୱାମୀ ବିବେକାନନ୍ଦ ସ୍ମାରକ
ସ୍ୱୟଂଶାସିତ ମହାବିଦ୍ୟାଳୟ,
ଜଗତସିଂହପୁର

# ମଶାଣି ତୁଳସୀ

କାଳି କୁମାର ବେହେରା

ଜୁଇର ନିଆଁରେ ମୋ ଏନ୍ତୁଡ଼ି ଜଳେ
ଜନମ ସେଇ ଅମଡ଼ା, ମଶାଣି କୋଳେ
ସାକ୍ଷୀ ରୂପରେ ମୁଁ ଛିଡ଼ା, ଅହ ଦିବା ନିଶି
ନାମ ଗୋଟିକ ମୁଁ ପାଇଛି, 'ମଶାଣି ତୁଳସୀ' ।୧।

ଦେହେ ମଶାଣିର ଧୂଆଁ ବୋଳି ହୋଇ
ରୂପଟି ମୋହର ହୋଇଲା କଳା,
ଉନ୍ମୁକ୍ତ ଆକାଶ ବକ୍ଷରୁ, କେତେ ସହିଛି
ଗ୍ରୀଷ୍ମ, ବର୍ଷା, ଶିଶିର ହିମଶିଳା ।୨।

ତୁଚ୍ଛ ମୋ ପରିଚୟ ଏ ସଂସାର ଭିତରେ
ମଶାଣିରେ ଜନମି ପୁଣି ମଶାଣିରେ ମରେ
ଲାଗେ ନାହିଁ କେଉଁ ଦେବା ଦେବୀର ପୟରେ
ଅଭିଶପ୍ତ ଜୀବଟିଏ ମୁଁ, ଏ ସୃଜନ ମଧ୍ୟରେ ।୩।

ରଙ୍ଗ ଢଙ୍ଗ ରୂପ ନାମରୁ ଲାଗେ ମୁଁ ଏକା ପରି
କେଉଁ ଗୁଣେ ମୁଁ ନୁହେଁ, 'ଅଗଣା ତୁଳସୀ'ର ସରି
ସେ ଅଟଇ ମଉଡ଼ମଣି, ଜଗନ୍ନାଥ ଜୀଉଙ୍କର
ନିକୃଷ୍ଟ, ଅସ୍ପୃଶ୍ୟ, ଦୀନ, ହୀନର ଅଟେ ଜୀବନ ମୋର ।୪।

ନା ଅଛି ଖଦ୍ୟୋତ ପରି ଜ୍ୟୋତି
ନା ଅଛି ବନ ମଲ୍ଲୀର ଖ୍ୟାତି
ନା ଅଛି ପରିଚୟ, ମୋ ନିଜ ଅସ୍ତିତ୍ୱର
ନିଶ୍ଚିହ୍ନ-ନିଷ୍ପ୍ରଭ ମୋ, ଜୀବନେ ଅଭିସାର ।୫।

ଛିନ୍ନ ହେଲେ ଜୀବନ ରଜ୍ଜୁ,
ମଳିନ ଯେ ସମ୍ପର୍କ ପର-ଆପଣା
ଅନ୍ତେ ଖୋଜି ଆସନ୍ତି ସଭିଏଁ,
ପରିଚିତ ଅମଡ଼ା ମଶାଣି ଠିକଣା ।୬।

ଅପବିତ୍ରେ ଜନମ ବୋଲି
ନିଷେଧ ମତେ ଘର ଅଗଣା
କି ପାଇଁ ହୁଏ ମୁଁ ତେବେ,
'ତୁଳସୀ'ରେ ଗଣା ।୭।

ବାଉଁଶ ଖଣା, ବାଲେଶ୍ୱର

*****

# ମାନବସେବା

ସୂର୍ଯ୍ୟମଣି ମାଝୀ

ଶୋଇଣ ଶେଜରେ ନିଘୋଡ଼ ନିଦରେ
ଦେଖୁଥିଲା ଆର୍ଯ୍ୟ ସପନ,
ଆସିଥିଲେ ଜଣେ ସରଗର ଦୂତ
ଆକର୍ଷକ ତାଙ୍କ ବସନ ।୧।

ଏକ ହାତେ ଥିଲା ସୁନ୍ଦର ଲେଖନୀ
ଅନ୍ୟ ହାତେ ଏକ ତାଲିକା,
ଆର୍ଯ୍ୟ ପଚାରିଲା କିସ ଲେଖୁଅଛ
ବୁଝାଇ କୁହ ମୋତେ ଏକା ।୨।

ଉତ୍ତରଟି ଥିଲା ଆଗନ୍ତୁକଙ୍କର
ମାନବଙ୍କ ଚିଠା ଅଟଇ,
ଈଶ୍ୱରଙ୍କୁ ଭଲ ପାଉଥିବା ନର
କ୍ରମରେ ଲିଖିତ କରଇ ।୩।

ସପନରେ ଆର୍ଯ୍ୟ ଖୋଜି ଚାଲିଥିଲା
ନିଜର ନାମକୁ ସେଠାରେ,
ନାମଟି ନ ପାଇ ଅନୁରୋଧ କରେ
ମୋ'ନାମ ଲେଖନ୍ତୁ ଶେଷରେ ।୪।

ବନ୍ଧନୀରେ ଲେଖ ଈଶ୍ୱରଙ୍କଠାରୁ
ମଣିଷକୁ ଭଲ ପାଏ ମୁଁ,
ମାନବ ସେବାରେ ଆଗ୍ରହ ଅଧିକ
ଦୁଃଖ କଷ୍ଟ ବେଳେ ଥାଏ ମୁଁ ।୫।

ତହିଁ ପରଦିନ ସେହି ଦେବଦୂତ
ପୁଣି ହୋଇଥିଲେ ପ୍ରକଟ,
ନଥିଲା ହାତରେ ଲେଖନୀ ତାଙ୍କର
କେବଳ ଥିଲା ଚିତ୍ରପଟ ।୬।

ଆର୍ଯ୍ୟକୁ କହିଲେ ଆସ ତୁ ଦେଖିବୁ
ପ୍ରିୟଜନ ଈଶ୍ୱରଙ୍କର,
ଚକିତ ହୋଇଲା ଦେଖି ନିଜ ଚିତ୍ର
ପ୍ରଥମ ପ୍ରିୟ ସେ ପ୍ରଭୁର ।୭।

ଏଭଳି ସପନ ବାସ୍ତବେ ମହାନ
ମନେ ମନେ ଭାଳି ହୋଇଲା,
ମାନବ ସେବାହିଁ ମହତ କରମ
ଏକଥା ଟି ସତ୍ୟ ଭାବିଲା ।୮।

*****

ଲାଠିପଡ଼ା , ନୟାଗଡ଼

# ସାବିତ୍ରୀ ବ୍ରତ

କୃଷ୍ଣ ଚନ୍ଦ୍ର ଡାକୁଆ

ଆସନ୍ତା କାଲି
ସାବିତ୍ରୀ ବ୍ରତ ବୋଲି
ଉତ୍ସାହ ଟା ଦେଖ ଭାଇ,
ପତି ପତ୍ନୀଙ୍କ
ପତ୍ନୀ ଗେଲରେ କହୁଅଛି
ପତିଙ୍କୁ ହେଇଟି ଶୁଣୁଛ;
କାଲି ପାଇଁ ତୁମେ କଣ ଆଣିଛ
ଏବେକାର ପୂଜା ସଂସ୍କୃତିଟା
ବହୁତ ବିଚିତ୍ର
ଦେଖିଲେ ଲାଗିବ
ସତେ ଇଏ କି ଚିତ୍ର
ଅମାବାସ୍ୟା ଆଳରେ
ପତ୍ନୀ ସଜେଇ ହୁଅନ୍ତି
ସତେ ଅପସରା ପରି
ଲାଗନ୍ତି ବହୁତ ସୁନ୍ଦର
କି ମନଲୋଭା ତାଙ୍କରି ଚିତ୍ର
ପତିଙ୍କୁ ଗୋଟଏ ଦିନ
ଧୂପ ନୈବେଦ୍ୟ ଦେଇ ପୂଜନ୍ତି,
ସତେ ଅବା ତାଙ୍କ ହୃଦ ସ୍ୱର୍ଣ୍ଣ ମନ୍ଦିର
ପୂରୁବ ଦିନେ ସବୁପତ୍ନୀ ଭାବୁଥିଲେ
ପତି ତାଙ୍କ ଶଙ୍ଖା ସିନ୍ଦୁର,
ଦିନଥିଲା ପରା ପତ୍ନୀ ପାଇଁ
ପତି ଥିଲେ ଧର୍ମ ଦୁଆରେ
ନିଜ ନିଜ ଭାଗ୍ୟ
ପ୍ରେମ ପ୍ରତୀକ
କିଏ ବା କହିବ

ଏବେ କାର ପତ୍ନୀଙ୍କୁ

ପତିଙ୍କୁ ଭଲ ପାଇବା

ବୋଧେ ସେ ସବୁ

ତାଙ୍କ ପାଇଁ ଗୋଟେ ନାଟକ...!

*****

କରଚୁଲି, ଗଞ୍ଜାମ

# କିନ୍ତୁ

କବିରତ୍ନ ନୂତନ କୁମାର ବେହେରା

'କିନ୍ତୁ' ଏକ ନିରୁତ୍ତରର ପ୍ରଶ୍ନବାଚୀ
ମନର ସରହଦ ମଧ୍ୟରେ
ଆତ୍ମଗୋପନ କରି ସର୍ବଦା
ରହିଥାଏ ଛଦ୍ମ ରୂପରେ ଲୁଚି,
ସେ 'କିନ୍ତୁ'ର 'କିନ୍ତୁ' କାରଣ ଭିତରେ
କାରଣ ରଖୁଥାଏ ସଞ୍ଚି ।
ସେ 'କିନ୍ତୁ' ମୋ ଭିତରେ ଅଛି
ତୁମ ଭିତରେ ବି ଅଛି
ଅସ୍ଥି ମଜ୍ଜା ଗତ ହୋଇ,
ଧୋଇଲେ ହୁଏନା ଧୋଇ
ଦୁଃଶ୍ଚିନ୍ତାର ଶୃଙ୍ଖଳା କାଠରେ ପଶି
ଘୁଣ ପରି କ୍ରମାଗତ ଯାଉଥାଏ ଖାଇ ।
'କିନ୍ତୁ' ସନ୍ଦେହର ଘର ଚାରିପାଖର
ଏକ ସୁଦୃଢ ଦୀର୍ଘ ପାଚେରୀ,
ଆଶଙ୍କାର ଫାଟକ ଭିତରେ
ବିଶ୍ୱାସକୁ ରଖିଥାଏ ତାଲା ମାରି ।
ସେ 'କିନ୍ତୁ' ପ୍ରସଙ୍ଗରେ ଚିନ୍ତି ଚିନ୍ତି
ଆସିଯାଏ କେବେ କେବେ କ୍ଳାନ୍ତି,
ସୁଧାରିବାକୁ ଚେଷ୍ଟା କଲେ ବି
'କିନ୍ତୁ' ଭିତରେ ରହିଯାଏ କିଛି ଭ୍ରାନ୍ତି ।
ଯେଉଁଠି ନ ଥାଏ ନିଜ
ଶକ୍ତିର କିଛି କର୍ତ୍ତୃତ୍ୱ
ନ ଥାଏ ଆତ୍ମୀୟତାର ଭାତୃତ୍ୱ
ସେଇଠି 'କିନ୍ତୁ' ଜଣକୁ କରିଦିଏ ଭୃତ୍ୟ ।
'କିନ୍ତୁ'ର କରିବାକୁ ମୂଳୋତ୍ପାଟନ
ନିଜ ଭିତର ଆତ୍ମବିଶ୍ୱାସକୁ

କରିବାକୁ ହେବ ଉଦ୍‌ଘାଟନ,
ଏ 'କିନ୍ତୁ' ପାଇଁ ମନ ହେଉଥିଲେ
ବାରମ୍ବାର ଉଚ୍ଚାଟନ
ଆତ୍ମଭରସା ଦ୍ୱାରା ଏ 'କିନ୍ତୁ'ର
ହୋଇଥାଏ ଅବସାନ ।

ଏ 'କିନ୍ତୁ' ମନରୁ ହେଲେ ଦୂର
ବ୍ୟକ୍ତି ବିଶେଷଙ୍କ ମୁହଁରେ
ଫୁଟି ଉଠେ ପ୍ରସନ୍ନତାର ଚିହ୍ନ,
ଥିବାଯାଏ ଏ 'କିନ୍ତୁ' ମନେ
ସବୁ ଚେହେରା ଦିଶେ ଭିନ୍ନ ଭିନ୍ନ ।

*****

କୋହି, ଗଡ଼ିଆ, ମୟୂରଭଞ୍ଜ

# ପୁଣ୍ୟରେ ପ୍ରଭୁଙ୍କ ଭେଟ...

ଅକ୍ଷୟ କୁମାର ବେହେରା

ଶୁଣ ସାଧୁଜନ ଦେଇ ଟିକେ କର୍ଣ୍ଣ
ଚିତ୍ତ ସ୍ଥିର କରି ରଖ,
କୁକର୍ମ କରିଣ ନର ନାରୀ ଗଣ
ପାପକୁ ଅର୍ଜନ୍ତି ଦେଖ ।୧।

ଦେଖ ଏ ସଂସାରେ ମନୁଷ୍ୟ ମନରେ
କେତେ ପ୍ରକାର ବିଚାର,
ସୁବିଚାର ଧରି ଗଲେ କର୍ମ କରି
ପାପରୁ ରହିବ ଦୂର ।୨।

ଦୂର ମନୁ କର ଯେତେ କୁବିଚାର
ମିଥ୍ୟା ପଥ ଦିଅ ଛାଡି,
ସତ୍ୟର ପଥରେ ପଥିକ ହୁଅରେ
ପାପରେ ନଯିବ ପଡି ।୩।

ପଡିବା ଉଠିବା ବାଟରେ ଚାଲିବା
ମନୁଷ୍ୟ ଜନମ ଖେଳ,
ପୁଣ୍ୟ ଅରଜିଲେ ମୁକ୍ତି ହେବ ଭଲେ
ଆସିଲେ ଉଚିତ ବେଳ ।୪।

ବେଳ ଗଲେ ସରି ଆୟୁ ଯିବ ପୁରି
ସରିବ ସଂସାର ନାଟ,
ଧର୍ମ ନିକିତିରେ ତଉଲିଲା ପରେ
ପୁଣ୍ୟରେ ପ୍ରଭୁଙ୍କ ଭେଟ ।୫।

*****

କେନ୍ଦୁଡିହା ବଡସାହି, ମୟୂରଭଂଜ

# ମୁହୂର୍ତ୍ତ

ସୁଧୀର କୁମାର ପଣ୍ଡା

ଅଶ୍ୱ ଆରୋହଣ କରି ଜନକ ରାଜନ

କେତେ ଥର କରିଛନ୍ତି ନଗର ଭ୍ରମଣ ।

ଫଳ ସବୁ ହେଉଥିଲା ବୃକ୍ଷରୁ ପତିତ

ନିଉଟନ ମୁଣ୍ଡେ ଥରେ ପଡିଥିଲା ଆତ ।

ରାମଙ୍କ ବନବାସର ଚଲା ପଥ ପରେ

ଚାଲିଛନ୍ତି ପାଦ ଥାପି କେତେ ଯେ ପଥରେ ।

କାଳିଦାସ କାଟୁଥିଲେ ଓଲଟାଇ ପାଖ

ଦେଖିଲେ ଜାଣିବ ଅଟେ ସିଏ ମହାମୂର୍ଖ ।

ଦିବସରେ ଲୁଟୁଥିଲେ ଦସ୍ୟୁ ରତ୍ନାକର

କେବେ ତ ଜାଣି ନ ଥିଲେ ପୁଣ୍ୟର ବେଭାର ।

ମୀରା କୃଷ୍ଣ ଜପୁଥିଲେ ସବୁ ସୁଖ ଛାଡି
କୃଷ୍ଣ ଛଡା ଆଉ କିଛି ନଥିଲେ ସେ ଲୋଡି ।

ଆଶାର ପରିଧି ମପା ନଥିଲା ଯେ କର୍ମ,
ଯେ ଯାହାର ଗତି ବୃତ୍ତି ବରିଥିଲେ ଧର୍ମ ।

କାହାର ପ୍ରାପ୍ତି ନିମନ୍ତେ ନଥିଲା ତ ଆଶା
କାହା ମନେ ଆଗତର ନଥିଲା ଜିଗୀଷା ।

ହଠାତ୍ ବଦଳିଗଲା କର୍ମର ସଂଘାତେ
ଅସମ୍ଭବ ପ୍ରାୟେ ଫଳ ଘଟିଲା ଚକିତେ ।

ଜନକଙ୍କୁ ପ୍ରାପ୍ତ ହେଲା ଅତି ଦିବ୍ୟଜ୍ଞାନ
ନିଉଟନ ଜାଣିଗଲେ କି ମହାକର୍ଷଣ ।

ରାମଙ୍କ ପଦ ରଜରେ ଅହଲ୍ୟା ତରିଲେ
ସରସ୍ୱତୀ କୃପା କାଳିଦାସ କବି ହେଲେ ।

ମହର୍ଷି ବାଲ୍ମୀକି ହେଲେ ଦସ୍ୟୁ ରତ୍ନାକର
ମୀରା ମଜ୍ଜିଲେ କୃଷ୍ଣ ମଧ୍ୟେ ସଶରୀର ।

ଏସବୁ କି ଅଟେ ବିଧି ଭିଆଣ ବିଚିତ୍ର
ଅବା ପ୍ରାପ୍ତି ମଧ୍ୟେ ଅଛି କିଛି ଗୋଟେ ସୂତ୍ର ।

କର୍ମ ପ୍ରତି ଏକାଗ୍ରତା ସମର୍ପଣ ଭାବ
ଜ୍ଞାନ ଶ୍ରଦ୍ଧା ଅନୁରକ୍ତି ଭାବ ପ୍ରାଦୁର୍ଭାବ ।

ପ୍ରେମ ନିଷ୍ଠା ସହକାରେ ନମ୍ରତା ସ୍ୱଭାବ
ପ୍ରାରବ୍ଧ ପ୍ରଲୁବ୍ଧ ସାଥେ ଦିଏ ସୁପ୍ରଭାବ ।

କାଳ କାଳ ଚାଲିଥାଏ ପ୍ରୟାସ ଅନନ୍ତ
ପ୍ରାପ୍ତି ହେବା ଘଡିଟିଏ ଅଟେ ସୁ-ମୁହୂର୍ତ୍ତ ।

*****

ବ୍ରହ୍ମପୁର

# ବର୍ଷା ରାଣୀ

ହୃଦୟାନନ୍ଦ ପଧାନ

ବରଷା ରାଣୀ ଲୋ ବରଷା ରାଣୀ
ଜଗତ ତାରିଣୀ ତୁ ଦୁଃଖ ହାରିଣୀ ।
ଯେବେ ଆସେ ମୁଁ ମୋ ପବିତ୍ର ଭୂଇଁ
ସ୍ୱାଗତ କରୁ ଲୋ ବାରିଦ ଦେଇ ।
ଧୂଳି-ଧୂସରିତ ବିଦୀର୍ଣ୍ଣ ମାଟି
ଅଗ୍ନି ବର୍ଷଣରେ ଧରା ଗଲା ଫାଟି ।
କଶରା ଘାତର ଲେଲିହାନ ଶିଖା
ପରିଣତ ହେଲା ଜଡ ପିଣ୍ଡ ରେଖା ।
ସହି ପାରିଲୁନି ଧରିତ୍ରୀ ଦୁଃଖ
ଅବତରଣ କଲୁ ଏ ମର୍ତ୍ତ୍ୟଲୋକ ।
ସିଞ୍ଚି ସିଞ୍ଚି ତୁ ଲୋ ସଲିଳ ଧାର
ଧରା ପୃଷ୍ଠେ କଲୁ ସବୁଜ ଘର ।

ଶୁଷ୍କତରୁକୁ ଦେଲୁ ଜୀବନ୍ୟାସ
ପଲ୍ଲବ ଫୁଲରେ କଲୁ ବିକଶିତ ।
ଶ୍ରୀହୀନ ମନ୍ଦର କରିଲୁ ଶୁଶ୍ରୀ
ଗନ୍ତାଘରକୁ ଅପୂର୍ବ ରୂପଶ୍ରୀ ।
ନବ ଦୁର୍ବାଦଳ ଶ୍ୟାମଳ ଲତା
ରଚିଲେ ବନରେ ସୌନ୍ଦର୍ଯ୍ୟ ଗାଥା ।
ପୁଷ୍ପ ପ୍ରସ୍ଫୁଟିଲା ମହା ଆନନ୍ଦେ
କାନନ ଭରିଲା ସୁବାସ ଗନ୍ଧେ ।
କଳ କଳ ନାଦେ ଝରଣାଗଣ
ମନ୍ଦର ଗର୍ଭୁ ହେଲେ ଉଦ୍ଭାବନ ।
ଅଙ୍କା ବଙ୍କା ପଥେ କରି ଗମନ
ନଦୀ ନୀରେ ଯାଇ ହୋଇଲେ ଲିନ ।

ରୁକ୍ଷ ଶୁଷ୍କର ଏ ମୂର୍ତ୍ତିକା ବର୍ଣ୍ଣ
ରୁପାନ୍ତର କଲୁ ପଙ୍କିଳ ପୂର୍ଣ୍ଣ ।
ମାଟିର ମଣିଷ କରି କର୍ଷଣ
ଧାନ ବୁଣି ଧରା କଲା ସୁବର୍ଣ୍ଣ ।
ଗୋଚର ହୋଇଲା ସୁନ୍ଦର ବଣ
ଦୁର୍ଭିକ୍ଷ ରାକ୍ଷସ ହେଲା ନିଧନ ।

କୃଷକ ବାପୁଡା ମହା ଆନନ୍ଦିତ
ସ୍ୱର୍ଣ୍ଣ ଫଳିଲା ପୃଷ୍ଠେ ଅଗଣିତ ।
କେତେ ବଖାଣିବି ଗୌରବ ବାଣୀ
ସମସ୍ତ ବ୍ୟକ୍ତିର ତୁ ମଉଡମଣି ।

*****

ଅମରପାଲି, ବିରମହାରାଜପୁର
ସୁବର୍ଣ୍ଣପୁର

# ନିଶ୍ୱ ବିଶ୍ୱାବସୁ ଶୂନ୍ୟ ଜୀବନ

ଅଲେଖ ଚନ୍ଦ୍ର ବେହେରା

ବାସ୍ନାହୀନ ମନ ତୁଳସୀ ବନ !
ଲୁଣ୍ଠିତ ମୁଁ ନିଶ୍ୱ ବିଶ୍ୱାବସୁ ଆଜି, କିଏ ନେଲା ମୋର ଗୁପତ ଧନ ?

ନୀଳମାଧବ ମୋ ଗଲା ନୀଳାଚଳେ,
ନୀଳଚକ୍ର ତଳେ ଚକ୍ରଧରି ଖେଳେ,
ମଉଳି ଯାଇଛି ମଲ୍ଲୀ କାନନ,
ଶୂନ୍ୟ ଗିରିଗୁମ୍ଫା ନିଶ୍ୱ ଜୀବନ କରି ଚାଲିଗଲା ବିଶ୍ୱମୋହନ...
ବାସ୍ନାହୀନ ମନ ତୁଳସୀ ବନ !

ତୁମେ ଶାଳଗ୍ରାମ ନୀଳ ଶଇଳ,
ଶିଳାନ୍ୟାସ କର ବୁଡିବ ବେଳ
ଉନ୍ମୋଚିତ କର ଏ ମନ ମାନସେ
ମୃଣ୍ମୟ ଚେତନା ଦିପ୍ତାଂଶୁ ପ୍ରକାଶେ, ହରିନିଅ ହରି ଜୀବାତ୍ମା ପ୍ରାଣ...
ବାସ୍ନାହୀନ ମନ ତୁଳସୀ ବନ !

କୁଣ୍ଠିତ ସୁଖରେ କଣ୍ଠ ବାଷ୍ପିରନ୍ଧ୍ର,
ଅସଂଖ୍ୟ ବେଦନା କୋଟିଏ ପ୍ରମାଦ
ସମୟ ତୋଳୁଛି ବିରହ ରାଗିଣୀ
କେତେ ବା ଚାଲିବି ସାହସ ପାଉନି, ବାଟ କଣ୍ଟକିତ ପୂର୍ଣ୍ଣ !
ବାସ୍ନାହୀନ ମନ ତୁଳସୀ ବନ !

ଧାନ କିଆରୀର ମୃଦୁ ଗନ୍ଧରେ,
ଏକାନ୍ତେ ଜୀବନ ଅଙ୍କ ସୁଧାରେ
ପ୍ରଶ୍ନବାଚୀ ହୋଇ ଏବେବି ରହିଛି,
ଅତୀତର ପୁଣ୍ୟ ପାନ୍ଥଶାଳାପୋରେ ସ୍ମୃତିର ସ୍ମାରକୀ ଚିହ୍ନ !
ବାସ୍ନାହୀନ ମନ ତୁଳସୀ ବନ !

*****

ଅଙ୍ଗାରବନ୍ଧ, ଅନୁଗୁଳ

# ଗିରି ପ୍ରତି

ଲଳିତ କବି ଧ୍ରୁବ ଚରଣ ସ୍ୱାଇଁ

ସୁବିଶାଳ ଶ୍ୟାମଳ ହେ ଗିରିବର
ତୋତେ ଦେଖି ପୁଲକେ ମୋର ଅନ୍ତର ।
ମହିରେ ଲଭି ବିଭୁ ମହା କରୁଣା
ହୋଇଛୁ ତୁହି ଏଡେ ମହାନ ସିନା ।
କଠିନ ପାଷାଣେ ତୋ ତନୁ ଗଠିତ
ମାତ୍ର ଦୟା-କରୁଣା-ରସେ ପୁରିତ ।
ଗୁଳ୍ମ-ଲତିକା ତରୁତୃଣ ନିଚୟ
ତୋ ଅଙ୍ଗେ ନେଇଛନ୍ତି ସଦା ଆଶ୍ରୟ ।
ଆବର ବନ୍ୟ ଜୀବ ଜନ୍ତୁ ସଂକୁଳ
ବିଷୟା ବିରହିତ ତାପସ କୁଳ ।
ତୋ ଅଙ୍ଗେ ନେଇଛନ୍ତି ଆଶ୍ରୟ ନିତି
ମହତ ବିନା କି ଏ ଆନର ରୀତି ।

ଶୀତଳ ନିର୍ଝରିଣୀ ତୋ ଚାରୁ କୋଳ
ମଣ୍ଡଇ ସ୍ନେହେ ଝରି କନ୍ଦରୁ ତୋର ।
ତୃଷାର୍ତ୍ତ ଜୀବ କୁଳ କରନ୍ତି ପାନ
ମହିରେ ଅନୁପମ ତୋ ମହା ଦାନ ।
କାହିଁ ବାହାରି ନଦୀ ଜଳ ପ୍ରପାତ
ସାଗରେ ଜଳଦାନ କରେ ସାକ୍ଷାତ ।
ଧରଣୀ ବକ୍ଷେ ହୋଇ ପ୍ରବାହ ମାନ
ବିତରି ଜଳ ତୋଷେ ତୃଷାର୍ତ୍ତ ପ୍ରାଣ ।
ଉର୍ବର ସମତଳ କ୍ଷେତ୍ର ସକଳ
ହୁଅଇ ତୋ ଦୟାରେ ଶସ୍ୟ-ଶ୍ୟାମଳ ।
କୃଷକେ କରୁଥାନ୍ତି ଫସଲ ମାନ
ହେ ଗିରିବର ଲଭି ତୋ ଜଳଦାନ ।

ଇନ୍ଧନ ଆଦି ବହୁ ବନ୍ୟ ସମ୍ପଦ
ଯୋଗାଉ ଜନପଦେ ଗିରି ସଂତତ ।
କାହିଁ ଖଣିଜ ରତ୍ନମାନ ବାହାରି
ଦେଶକୁ କରେ ମହା ସମୃଦ୍ଧଶାଳୀ ।

ପ୍ରଚଣ୍ଡ ବଜ୍ରବାଣ ସହନେ କ୍ଷମ
ହେ ଗିରି ! ହେବ କିଏ ତୋହରି ସମ ।
ତୋ ଯୋଗୁଁ ହୁଏ ଦେଶେ ବର୍ଷାବହୁଳ
ଆନନ୍ଦ ଲଭୁଥାନ୍ତି ପାପଦ କୁଳ ।

*****

ଜହ୍ନିତଇଳା, ଢେଙ୍କାନାଳ

# ଗଦ୍ୟ ବିଭାଗ

# ଭଙ୍ଗା କିଆରୀ

ସୂର୍ଯ୍ୟମଣି ମାଝୀ

ଏ କାହାଣୀ ଗଡ଼ଜାତ ଅଞ୍ଚଳର ...

ନ'ଅଙ୍କ ଦୁର୍ଭିକ୍ଷର କଷାଘାତରେ ସାରା ଓଡ଼ିଶା ପ୍ରପୀଡ଼ିତ । ସୁଦୂର ଖୋର୍ଦ୍ଧା ଗଡ଼ରୁ ନୟାଗଡ଼ ଅଭିମୁଖେ ଯାତ୍ରା ପାଇଁ ପ୍ରସ୍ତୁତ ହେଉଥାନ୍ତି ହରିହର ମାଝୀ । ନିଜ ଶଗଡ଼ରେ ଅଳ୍ପ କେତେ ବସ୍ତା ଖୁଦ ଲଦି ନିଜ ବଡ଼ ପୁଅ ଗଙ୍ଗାଧର ଆଉ ପତ୍ନୀ ଉତ୍କଳିକା ସହିତ ଗାଁ ଛାଡ଼ିଲେ ହରିବାବୁ । ଦୀର୍ଘପଥ ଅତିକ୍ରମ ପରେ ସମଗ୍ର ପରିବାର ପହଞ୍ଚିଲେ ନୟାଗଡ଼ ରାଜାଙ୍କ ଦ୍ୱାରା ସଦ୍ୟ ଅଧିକୃତ ଲାଠିପଡ଼ା ଅଞ୍ଚଳରେ । ଦୁର୍ଭିକ୍ଷର ଯନ୍ତ୍ରଣାରେ ଜର୍ଜରିତ ଲୋକଙ୍କ ଦୁଃଖ ସହି ନ ପାରି ମାଗଣାରେ ଖୁଦ ବାଣ୍ଟିବା ଆରମ୍ଭ କରିଦେଲେ । ଏ ଖବର ନୟାଗଡ଼ ରାଜ୍ୟର ରାଜା ସୂର୍ଯ୍ୟସେନଙ୍କ କାନରେ ପଡ଼ିଛି । ହରି ବାବୁଙ୍କୁ ଡକରା ଆସିଛି ରାଜ ଦରବାରରୁ । ସପରିବାରେ ରାଜ ଦରବାରରେ ଉପସ୍ଥିତ ହୋଇଛନ୍ତି ହରି ବାବୁ । ରାଜା ତାଙ୍କ ପରିଚୟ ପଚାରି ବୁଝିଛନ୍ତି । ପ୍ରଶଂସା ପତ୍ର ପ୍ରଦାନ ସହ ଲାଠିପଡ଼ା ଗ୍ରାମର ପାଇକସାହିରେ ରହିବା ପାଇଁ ଘର ଓ 'ତଇଲା ଗହିର' ରେ କିଛି ଜମି ପ୍ରଦାନ କରିଛନ୍ତି ଉକ୍ତ ପରିବାରକୁ । ସମୟ ଚକ୍ରର ପରିବର୍ତ୍ତନ ଘଟିଛି । ବର୍ଷା ଭଲ ହୋଇଛି । ବର୍ଷକୁ ବର୍ଷ ଭଲ ଫସଲ ହୋଇଛି ।

ବାପ ପୁଅ ମିଶି ଦୁଇଟି ପଥୁରିଆ ଜମିରୁ ମାଟି କାଢ଼ି ଗୋଟିଏ କିଆରୀରେ ପରିଣତ କରିଛନ୍ତି, ଆଉ ସେ କିଆରୀର ନାଁ ରଖିଛନ୍ତି 'ଭଙ୍ଗା କିଆରୀ' । ପିଢ଼ି ପିଢ଼ି ଧରି 'ଭଙ୍ଗା କିଆରୀ' ଭାତ ହାଣ୍ଡି ରୂପରେ ଆହାର ଯୋଗାଇ ଚାଲିଛି ତାଙ୍କର ପରିବାର ବର୍ଗଙ୍କୁ...

*****

ଲାଠିପଡ଼ା , ନୟାଗଡ଼

# ସ୍ଥିତିପ୍ରଜ୍ଞା

ପ୍ରଶାନ୍ତ କୁମାର ବେହେରା

ଝିଅଟି ଖୁବ୍ ମେଧାବୀ । ମାଟ୍ରିକୁଲେସନ୍ ପରୀକ୍ଷାରେ A1 ଗ୍ରେଡରେ ପାଶ୍ କରିବା ପରେ ବାପା ମା ସ୍ଥିର କଲେ ଝିଅକୁ ବିଜ୍ଞାନ ପଢାଇ ଭବିଷ୍ୟତରେ ଡାକ୍ତର କରିବେ । କିନ୍ତୁ ଖୁବ୍ ଅଭାବ ଅନାଟନରେ ଗତିକରୁଥାଏ ତାଙ୍କ ସଂସାର । ଦୃଢ ମନବଳ ଆଗରେ ଅର୍ଥ ବାଧକ ହୋଇ ଠିଆ ହେଲେ ମଧ୍ୟ ଶେଷକୁ ଜିତାପଟ୍ ହୋଇଥାଏ ଦୃଢ ଇଚ୍ଛା ଶକ୍ତିର ।

ଏମିତି ଏକ ବାସ୍ତବ ଘଟଣା ଘଟିଛି ଆମ ଜଗତସିଂହପୁର ଜିଲ୍ଲା ନାଉଁଗା ହାଟ ଚମ୍ପେଶ୍ୱର ଗ୍ରାମରେ । ସେଇ ଗ୍ରାମର ବିଶ୍ୱଜିତ୍ ପାଢୀ ନିଜ ବଡ ଝିଅ ସ୍ଥିତିପ୍ରଜ୍ଞାକୁ ମାଟ୍ରିକ୍ ପରେ ଜଗତସିଂହପୁର ସଦର ମହକୁମାରେ ଅବସ୍ଥିତ ଜିଲ୍ଲାର ସର୍ବ ବୃହତ୍ତମ ତଥା ସର୍ବ ପୁରାତନ କଲେଜ ଏସ୍.ଭି.ଏମ୍. ରେ ବିଜ୍ଞାନ ଶ୍ରେଣୀରେ ନାମ ଲେଖାଇଲେ ।

ସବୁବେଳେ ଅଭାବ ସଂସାର । ତା' ଭିତରେ ଝିଅକୁ ବାହାରେ ରଖି ପଢାଇବା କି କଷ୍ଟ ଯିଏ ସେମିତି ପରିସ୍ଥିତି ଦେଇ ଗତି କରୁଥିବେ ସେମାନେ ହିଁ କେବଳ ହୃଦୟଙ୍ଗମ କରି ପାରୁଥିବେ । ଝିଅକୁ ମଣିଷ କରିବା ଲକ୍ଷରେ ବିଶ୍ୱଜିତ୍ ନାଉଁଗା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ଟ୍ରେକର ଚଳାଇ ଛାତ୍ରଛାତ୍ରୀଙ୍କୁ ନେବା ଆଣିବା କରନ୍ତି ।

ଏଥିରୁ ମିଳୁଥିବା ଅର୍ଥ ପର୍ଯ୍ୟାପ୍ତ ହେଉନଥିବାରୁ ଅନ୍ୟକିଛି କାମଦାମ କରିବାକୁ ମଧ୍ୟ ପଛାନ୍ତି ନାହିଁ ।

ବାପା ପରିଶ୍ରମ କରୁଥିବାର ଚିତ୍ରକୁ ନିଜ ଆଖିରେ ସବୁବେଳେ ଦେଖୁଥାଏ ସ୍ଥିତିପ୍ରଜ୍ଞା । ସେ ମଧ୍ୟ ନିଜ ପାଠପଢାରେ କେତେବେଳେ ବି ଢିଲା ଦେଇନି । ଫଳତଃ ଦୁଇ ବର୍ଷ ତଳେ ଯୁକ୍ତ ଦୁଇ ବିଜ୍ଞାନ ପରୀକ୍ଷାରେ ମୋଟ ୬୦୦ ନମ୍ବରରୁ ୫୧୬ ନମ୍ବର ରଖି ଏସ୍.ଭି.ଏମ୍. କଲେଜ ସହିତ ଜଗତସିଂହପୁର ଜିଲ୍ଲାରେ ୨ୟ ସ୍ଥାନ ହାସଲ୍ କରି ଉତ୍ତୀର୍ଣ୍ଣ ହେଲା ।

ଝିଅର ଏହି ସଫଳତାରେ ଯେକୌଣସି ବାପା ମା ଗର୍ବ କରିବେ । ବର୍ତ୍ତମାନ ବିଶ୍ୱଜିତଙ୍କ ଗୋଟିଏ ସ୍ଥିରୀକୃତ ଲକ୍ଷ୍ୟ - ଝିଅକୁ ନିଶ୍ଚୟ ଡାକ୍ତର କରିବି । ଏତେ ଭଲ ପଢୁଛି ମାନେ ଝିଅ ନିଶ୍ଚୟ ପାରିବ । କେବଳ ତାକୁ ସବୁ ପ୍ରକାରର ସୁବିଧା ଯୋଗାଇଦେବାର ଅଛି । ବିଶ୍ୱଜିତଙ୍କର ତାଙ୍କ ଝିଅର ପ୍ରତିଭା ଉପରେ ଥିଲା ପ୍ରଚଣ୍ଡ ବିଶ୍ୱାସ । ତେଣୁ ଝିଅକୁ କଟକରେ ରଖି ମେଡିକାଲ୍ କୋଚିଂ ଦେବାର ବ୍ୟବସ୍ଥା କଲେ ।

ଝିଅ ମନଦେଇ ପାଠ ପଢିବା ସ୍ୱାଭାବିକ । ବାପା ମାଙ୍କର କଷ୍ଟ ଯେତେବେଳେ ତା' ଆଖିଆଗରେ ନାଚି ଉଠୁଥିବ ସେତେବେଳେ ଅଧିକ ଉତ୍ସାହର ସହ ଝିଅଟି ନିଶ୍ଚୟ ପାଠ ପଢାରେ ମନ ନିବେଶ କରିଥିବ ।

କିନ୍ତୁ ଭଗବାନଙ୍କ ଲୀଳା ବଡ ବିଚିତ୍ର । ଯେଉଁମାନେ ଖୁବ୍ ଦୁଃଖ କଷ୍ଟରେ ଥାଆନ୍ତି ଠିକ୍ ସେମିତିଆ ଲୋକ ଦେଖିକି ହିଁ ଦୁଃଖର ପାହାଡ ତାଙ୍କ ଉପରେ ଲଦି ଦିଅନ୍ତି । ଏପ୍ରିଲ୍ ମାସରେ ମେଡିକାଲ୍ ପ୍ରବେଶିକା ପରୀକ୍ଷା " ନିଟ୍ " ହେବାକୁ ସ୍ଥିର ହୋଇ ସାରିଥାଏ । ସ୍ଥିତିପ୍ରଜ୍ଞା ନିଜକୁ ସେଇ ପରୀକ୍ଷା ପାଇଁ ପୁରା ଦମରେ ଲଗାଇ ଦେଇଥାଏ । ହଠାତ୍ ଫେବୃୟାରୀ ମାସରେ ହୃଦଘାତରେ ବାପା ବିଶ୍ୱଜିତ୍ ଆରପାରିକୁ ଚାଲିଗଲେ ।

ସ୍ଥିତିପ୍ରଜ୍ଞାର ଯିଏ ସମସ୍ତ ପ୍ରେରଣାର ଉତ୍ସଥିଲେ, ଯିଏ ନିଜ ରକ୍ତକୁ ପାଣିକରି, ଅହରହ ଝାଳବୁହା ପରିଶ୍ରମ କରି ତାକୁ ସଂସାରରେ ପ୍ରତିଷ୍ଠିତ କରିବାକୁ ଚାହୁଁଥିଲେ ହଠାତ୍ ସେ ଚାଲିଗଲେ । ଘରର ପରିସ୍ଥିତି କଣ ହୋଇଥିବ ? ସ୍ଥିତିପ୍ରଜ୍ଞାର ମନର ଅବସ୍ଥା କଣ ହୋଇଥିବ ? ଘରର ଏକମାତ୍ର ରୋଜଗାରିଆ ଲୋକଟି ଚାଲିଗଲେ ଏମିତି ବହୁତ ପ୍ରଶ୍ନ ଉଠେ ଯାହାର ଉତ୍ତର ଯେତେ ଖୋଜିଲେ ବି ମିଳିବା ଅସମ୍ଭବ । କିନ୍ତୁ ଏସବୁ ଭିତରେ ମଧ୍ୟ ବାପା ଦେଖିଥିବା ସ୍ୱପ୍ନକୁ ସାକାର କରିବାକୁ ନିଜ ହୃଦୟରେ ସମସ୍ତ ଦୁଃଖ କଷ୍ଟକୁ ଚାପିରଖି ଲକ୍ଷ୍ୟ ପଥରେ ଆଗେଇ ଚାଲିଥିଲା ସ୍ଥିତିପ୍ରଜ୍ଞା । ଶେଷକୁ ସେ ତା ବାପାଙ୍କ ସ୍ୱପ୍ନକୁ ସଫଳ କଲା । ଏଇ ତା ୦୬/୦୬/୨୦୧୯ ରିଖରେ ନିଟ୍ ପରୀକ୍ଷା ଫଳ ପ୍ରକାଶ ପାଇଲା । ସ୍ଥିତିପ୍ରଜ୍ଞା ୫୫୮ ନମ୍ବର ରଖି ଜଗତସିଂହପୁର ଜିଲ୍ଲାରେ ଟପର୍ ତାଲିକାରେ ରହିବା ସହ ସରକାରୀ ମେଡିକାଲ୍ କଲେଜରେ ସିଟ୍ ପାଇବା ଏକବାରେ ପକ୍କା କରିଛି ।

ସତରେ ସବୁ ପ୍ରକାର ପ୍ରତିକୂଳ ପରିସ୍ଥିତିକୁ ସାମ୍ନାକରି ସଫଳତାର ପାହାଚ ପରେ ପାହାଚ ଚଢିବା ଆମ ଜଗତସିଂହପୁର ଜିଲ୍ଲାରେ ଯଦି କେଉଁଠି ସମ୍ଭବ ହୋଇଥାଏ ତାହାର ଜ୍ୱଳନ୍ତ ଉଦାହରଣ ହେଉଛି ଏଇ ଝିଅ ସ୍ଥିତିପ୍ରଜ୍ଞା ପାଢୀ । ବାସ୍ତବରେ ସେ କେବଳ ଆମ ଏସ୍.ଭି.ଏମ୍. କଲେଜ କିମ୍ବା ଜଗତସିଂହପୁର ଜିଲ୍ଲା ନୁହେଁ ବରଂ ସାରା ଓଡିଶାର ଗର୍ବ ।

ଏସବୁ ଭିତରେ ସ୍ଥିତିପ୍ରଜ୍ଞାର ସମସ୍ତ ଆନନ୍ଦ ଯେମିତି କେଉଁଠି ଚପି ଯାଉଥିଲା । ତା ମନ ଭିତରେ କେଉଁଠି ବାରମ୍ବାର ପ୍ରଶ୍ନ ଉଠୁଥିଲା , " ଆଜି ବାପା ଥିଲେ କେତେ ଖୁସି ହେଉନଥାନ୍ତେ ସତରେ ?"

*****

ଅଧ୍ୟାପକ, ରାଜନୀତି ବିଜ୍ଞାନ ବିଭାଗ
ସ୍ୱାମୀ ବିବେକାନନ୍ଦ ସ୍ମାରକ
ସ୍ୱୟଂଶାସିତ ମହାବିଦ୍ୟାଳୟ,
ଜଗତସିଂହପୁର

# ହାଇ-ନିଶ୍ୱାସର ଭିନ୍ନ ରୂପ

ଶିବ ଚରଣ ମହାପାତ୍ର

ଘର ଦରଜା ଖୋଲି ଭିତରକୁ ଆସୁ ଆସୁ ସିପ୍ରା କହିଲା-," ଦେଖ ରୋହନ , ଏସବୁ ପାଗଳାମି ବନ୍ଦ କର । ତୁମକୁ ମୁଁ କେତେଥର କହିଛି 'ବି ପ୍ରାକ୍ଟିକାଲ'.. କିନ୍ତୁ ତୁମେ ଯେ ମୋ କଥାକୁ ଶୁଣିବାକୁ ନାରାଜ୍ .. ତୁମେ ବୁଝୁନ କାହିଁକି..?? ରୋହନ ଚୁପ୍ ଚାପ୍ ଭିତର ଘରକୁ ଚାଲିଗଲା । ସେଦିନ ରୋହନକୁ ବୁଝାଇବାକୁ ଯାଇ ସିପ୍ରାର ଧୈର୍ଯ୍ୟ ବନ୍ଧ ଭାଙ୍ଗି ଚୁରମାର ହେଇ ସାରିଥିଲା । ସେ କେବେବି ଚାହୁଁ ନଥିଲା କି ରୋହନ ଏମିତି ଭାବରେ ନିଜର ସମ୍ମାନ ଟିକକ ହରେଇ ଦିଅନ୍ତୁ । ସବୁଦିନ ପରି ସେଦିନର ସଂଧ୍ୟା ମଧ୍ୟ ରୋହନ ପାଇଁ ସମାନ ଅନ୍ଧାର ନେଇ ଆସିଥିଲା କିନ୍ତୁ ଫରକ ଥିଲା କେବଳ ତା ଅନ୍ଧକାରର ଗାଢତାରେ । ଶତଚେଷ୍ଟା କରି ମଧ ରୋହନ ନିଜକୁ ତିରସ୍କାର, ଅପନିନ୍ଦାର କାଳିମାରୁ ବଞ୍ଚିତ କରି ପାରୁ ନଥିଲା । ସେ କଳା ସମଗ୍ର ଶରୀରରେ ଏଭଳି ଲେପି ହୋଇ ଯାଉଥିଲା କି ତା'ର ଉତ୍କଟ ଗନ୍ଧ ଘରର ସମଗ୍ର ବଖରାରେ ଖେଳି ଯାଉଥିଲା । ସତରେ କଣ ସେ ଏତେ ବଡ ଭୁଲ୍ କରିଦେଇଛି ଯାହା ପାଇଁ ସମଗ୍ର ଓଡିଆ ସାହିତ୍ୟ ସମାଜର ଆଙ୍ଗୁଠି ତା ଉପରକୁ ଉଠିଥିଲା ...।

ନିଜ ଭିତରେ ନିଜକୁ ବାରମ୍ବାର ମନ୍ଥନ ପରେ ଆପେ ଆପେ ସେ କହି ଉଠିଥିଲା-, " ହଁ ..ମୁଁ ଯାହା କହିଛି ଠିକ୍ କହିଛି ..ଯାହା କରିଛି ଠିକ୍ କରିଛି " ।

ସିପ୍ରା କେତେବେଳୁ ଆସି ପାଖରେ ଠିଆ ହୋଇଥିଲେ ରୋହନ ତାହା ଜାଣେନା ।

ସିପ୍ରା କହିଲା -"ରୋହନ,ସତରେ କଣ ତୁମେ ତୁମର ଏ ଜିଦ୍ ଛାଡିବନି ...?"

-"କେମିତି ଛାଡିବି ସିପ୍ରା ..?? ଏଇ ଜିଦ୍ ହିଁ ତ ମୋ ଜୀବନର କେଇ ବୁନ୍ଦା ସାଇତା ବିଶ୍ୱାସ ଯାହା କେବେ ଠାରୁ ମୋ ନିଶ୍ୱାଃସରେ ବସି ସାରିଛି... ଆଉ ତୁମେ ବି ତ ମୋର ଏଇ ଜିଦ୍ ର ଦିୱାନୀ ହେଇ ଦୁନିଆଁର ସବୁ ନିନ୍ଦା ଅପବାଦକୁ ପର କରି ମୋ ପରି ଏକ ନୁଆଁଳିଆ ଚାଳ ଘରର ପୁଅର ହାତଧରି ଚାଲି ଆସିଥିଲ । ସେତେବେଳେ ଯଦି ମୋ ଜିଦ୍ ତୁମ ମନରେ ପ୍ରେମର ଜୁଆର ସୃଷ୍ଟି କରି ପାରୁଥିଲା ତେବେ ଆଜି କାହିଁକି ଏତେ ବ୍ୟତିବ୍ୟସ୍ତ ହୋଇ ପଡୁଛ...? ମୁଁ ତ କୌଣସି ମଣିଷ ମାରିନି କି ଚୋରି ଡକାୟତି କରିନି.. । ସେମାନେ ଯେତେବେଳେ ନିଜ ସ୍ୱଭାବ, ନିଜ ପ୍ରକୃତି ଜାବୁଡି ଧରି ରଖିଛନ୍ତି ତେବେ ମୁଁ କିପରି ମୋ ପ୍ରକୃତି, ମୋ ସ୍ୱଭାବ ଛାଡିବି..? ଏ ଜନ୍ମରେ ତାହା ଅସମ୍ଭବ ସିପ୍ରା... ମୋତେ କ୍ଷମାକର ।

ରୋହନ ପ୍ଲିଜ୍ ..ପାଗଳାମିର ବି ଗୋଟିଏ ସୀମା ଥାଏ.. ମାନୁଛି ଦିନେ ତୁମ ଲେଖନୀର ଯାଦୁରେ ମୁଁ ନିଜକୁ ଯୋଗିନୀ ସଜେଇ ତୁମ କବିତା ପରି ବୋହି ଆସିଥିଲି । ସେତେବେଳେ ମୁଁ ଥରୁଟିଏ ବି ଚିନ୍ତା କରି ନଥିଲି ଯେ ସାହିତ୍ୟ ପ୍ରତି ତୁମ ଦୁର୍ବଳତା ଆଜି ପାଗଳାମିର ରୂପ ନେବ । ତାପରେ ଏମିତି ଶୁଖିଲା ଫିଲୋସଫିରେ ପରିବାରର ପେଟ ପୋଷା ଯାଇ ପାରେନା । କଣ ଦରକାର ଥିଲା ଆଜି ସେ ସାହିତ୍ୟ ସଂସଦର ମାନପତ୍ର ବିଷୟରେ ଏମିତି ଓଲଟା ପାଲଟା କହିବା..?" -''ତୁମେ ସେସବୁ କେବେ ବୁଝି ପାରିବନି ସିପ୍ରା.. ମୁଁ କେବେ ବି କିଛି ଭୁଲ କହିନି..। ଆଛା କହିଲ-" ହ୍ୱାଟ୍ ଇଜ୍ ଦ ଡେଫିନେସନ ଅଫ୍ ସାର୍ଟିଫିକେଟ୍ ..?"

ରୋହନ ପ୍ରଶ୍ନର ଉତ୍ତର ସିପ୍ରା ମନର ଅଭିଧାନରେ ଖୋଜି ଚାଲିଥିଲା କଣ ଉତ୍ତର ଦେଲେ ରୋହନକୁ ସେ ଶାନ୍ତ କରିପାରିବ । ସୋଫା ଉପରେ ଲଥ୍ କିନା ବସିଯାଇ ଖୁବ୍ ଗମ୍ଭୀର ଭାବରେ ଚିନ୍ତା ମଗ୍ନ ହୋଇ ଉଠିଲା ସିପ୍ରା .. ସେ କହିଲା,- "ଆଛା ରୋହନ , ତୁମର ମନେ ଅଛି ଆମ ମିଳନର ସେ ପ୍ରଥମ ଦିନ..? ତୁମ କବିତାର ସୌନ୍ଦର୍ଯ୍ୟରେ ମୁଗ୍ଧ ହୋଇ ମୁଁ ଯେମିତି ପାଗଳ ଭ୍ରମର ପରି ଆସି ତୁମ ପାଖେ ପାଖେ ଘୁରି ବୁଲୁଥିଲି ... ମୋତେ ଦେଖି କଲେଜରେ ତୁମ ପାଇଁ ମୋତେ ସବୁ ' ମୀରା ବାଈ ' କହି ଚିଡେଇବା ଆରମ୍ଭ କରି ଦେଇଥିଲେ । ସେଦିନ ସେ ଡାକର ଅର୍ଥ କାଢି ବସିବାକୁ କେବେ ଚେଷ୍ଟା କରି ନଥିଲି ।

କାହିଁକି କେଜାଣି ଡରୁ ନଥିଲି ଆଉ କେଉଁ ରାଧାର ଉପସ୍ଥିତିକୁ ... ବାସ୍ ଭଲପାଇ ଚାଲିଥିଲି ଅନ୍ଧୁଣୀ ଟିଏ ପରି । ତୁମର ସେସବୁ ମନେପଡେ ନା..?" -"ସିପ୍ରା, ଯାହା ମନରେ ଥାଏ ହୁଏତ ତାହା ଭୁଲେଇ ଦିଆ ଯାଇପାରେ କିନ୍ତୁ ଯାହା ଥରେ ପ୍ରାଣରେ ବସିଯାଏ, ହୃଦୟର ସ୍ପନ୍ଦନ ସାଜିଯାଏ ତାକୁ କଣ କେବେ ଭୁଲିହୁଏ..? ସେଦିନର କଲେଜ କଲଚରାଲ ପ୍ରୋଗ୍ରାମ୍ ହିଁ ତ ମୋ ଜୀବନର ମୋଡ ବଦଳାଇ ଆଣି ତୁମ ପାଦ ସାଥେ ପାଦ ମିଶେଇ ଚାଲିବାକୁ ବାଧ୍ୟ କରିଥିଲା । ମୋର ସେ ଦିଶାହୀନ ଜୀବନରେ ତୁମେ ହିଁ ନିଜେ ତରଣୀ ସାଜିଥିଲ ଆଉ ସେ ତରଣୀର ନାବିକା ବି । ହୁଏତ ତୁମର ମନେ ଥାଇପାରେ କି ନା ମୋର ଯେଉଁ କବିତାଟି ସେଦିନ ସେଇଠି ଆବୃତ୍ତି କରିଥିଲି.. ରୋହନ ପାଟିର କଥା ଛଡେଇ ନେଇ ସିପ୍ରା କହିଥିଲା,-"

ମଦନ ମୁଁ ତୁମ ପ୍ରେମରେ ପ୍ରେୟସୀ ଲୁକ୍କାୟିତ ମୋର ପ୍ରିତି... ତୁମ ସଂସ୍ପର୍ଶରେ ନଛୁଇଁ ଛୁଇଁବି ଥରାଇ ମଦନ ଛାତି..

ସାକ୍ଷୀ ତାରା ଭରା ରାତି..

ବଞ୍ଜାରା ଜମିରେ ତୁମେ ପାରିଜାତ

ରଖିବି ନିତି ସାଇତି..

ସାଗର ଶୁଖିବ ଆକାଶ ଝୁଙ୍କିବ

ଫୁଲ ଜଳିଯିବ ଚାହିଁ
ବେଳାଭୂମି ଶଠ ଶୁଖିଲା ଛାତିଟା
ଆଶ୍ରୁ ଭାଙ୍ଗି ଯିବ ନଇଁ..

ତୁମେ ମୋ ଅଳସୀ ନଈ..
ତୁମେ ଆସି ଗଲେ ମରୁଭୂମି ପ୍ରାଣ
ତୁମ କୋଳେ ଯିବ ଶୋଇ.."

ସତେ ଅବା ଖୋଲା କୋଠରୀର ଝରକା, କବାଟ, ସୋଫା, ଟେବୁଲ, ଚେୟାର, ପରଦା, ଟିଭି, ଫ୍ୟାନ ସବୁ ଯେମିତି ସେଦିନ ବିମୁଗ୍ଧ ହୋଇ ଚୁପ୍ ଚାପ୍ ଶୁଣୁଥିଲେ ସିପ୍ରାର ମଧୁଝରା କଣ୍ଠରୁ ରୋହନର ରୋମାଣ୍ଟିକ କବିତା । ହେଲେ ହୃଦୟ ଆକାଶରେ ଫଗୁଣର ଖୁସିବଉଳ ବେଶି ସମୟ ରହି ପାରିଲାନି । ରୋହନ ହାଲକା ହସଟିଏ ଫିଙ୍ଗି ଦେଇ କହିଲା ,-"ସେତେବେଳେର ସମୟ ଆଉ ଏବେକା ସମୟ ଭିତରେ ଆକାଶ ପାତାଳର ଫରକ ସିପ୍ରା .. ସେତେବେଳେ ଯେକୌଣସି ସ୍ଥାନରେ କୌଣସି ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଥିଲେ କେତେ ସଂଖ୍ୟାରେ ଲୋକ ରୁଣ୍ଡିଭୁତ ହୋଇ ଭାବ ବିହ୍ୱଳ ହୋଇ ଝୁମି ଯାଉଥିଲେ କହିଲ.. କିନ୍ତୁ ଆଜି..? ହେଃ ..ଏଠି ସମସ୍ତେ ନିଜକୁ ଅନ୍ୟ ମାନଙ୍କ ଉପରେ ଜୋର କରି ଲଦି ଦେବାକୁ ଚାହୁଁଛନ୍ତି ହେଲେ..

କେହି ଥରୁଟିଏ ବି ଚିନ୍ତା କରୁ ନାହାନ୍ତି କି ମୁଁ ନିଜେ କେତେ ସକ୍ଷମ, ଆମ ଐତିହ୍ୟ ସଂସ୍କୃତି ପରମ୍ପରା କେତେ ସକ୍ଷମ । ସମସ୍ତେ କେବଳ ନିଜେ ଆଧୁନିକତା ର ରଙ୍ଗ ମାଖି ନିଜକୁ ପଢିବାରେ ବ୍ୟସ୍ତ କିନ୍ତୁ କେହି କେବେ ଅନ୍ୟ ମାନଙ୍କୁ ପଢିବାକୁ ଚେଷ୍ଟା କରିଛନ୍ତି ..? ନା କାହିଁକି କରିବେ..? ସବୁତ ନିଜେ ନିଜେ ଭଗବାନ... କେବଳ ସେଇଥିପାଇଁ ସେ ସଭାରେ ଆଜି କହିଦେଲି କି ମାନପତ୍ର ତ ଏକ କାଗଜର ଟୁକୁରା ମାତ୍ର ତାକୁ ଚାହିଁଲେ ତୁମେ ଫଟୋ କରି ନିଜ ମାର୍ବଲ ଲଗା କାନ୍ଥରେ ସଜେଇ ପାର ଅଥବା ତାକୁ ରଫ୍ ଖାତା ପରି ବ୍ୟବହାର କରିପାର... ମୁଁ ଏମିତି କଣ ଭୁଲ୍ ଟା କହିଦେଲି ..? ଯଦି ସାହିତ୍ୟ ପ୍ରତି ଏତେ ଭଲପାଇବା ଆଉ ସ୍ନେହ ଅଛି ତେବେ ଆଗ ମାନପତ୍ର ହାସିଲ କରିବାର ନିଶାଟା ମନରୁ କାଢି ଦେବାଟା ଭଲ । ମୁଁ ମୋର ନିଜସ୍ୱ ମତ ପ୍ରକାଶ କରିଥିଲି ହେଲେ ମୋ କଥାକୁ କେହି ବୁଝିବାକୁ ନାରାଜ । ଆରେ ଭାଇ ସେମାନେ ସବୁ ସାହିତ୍ୟ ସାଧକ ଥିଲେ ଟି ? ସାରା ଜୀବନର ସ୍ନେହ, ପ୍ରେମ, ଭଲପାଇବା ମୋ ଆଦର୍ଶ ସାଜିଥିବା ଏଇ ଓଡିଆ ସଂସ୍କୃତି, ପରମ୍ପରା, ସାହିତ୍ୟି ମୋ ଜୀବନ । ସତରେ କେତେ ସୁନ୍ଦର ୟାର ପ୍ରାକୃତିକ ପୃଷ୍ଠଭୂମି । ମୁଁ ଚାହୁଁଛି ସାହିତ୍ୟର ଏ ଅଥଳ ମହାସାଗର ଭିତରେ ନିଜକୁ ହଜେଇ ଦେବାକୁ । ନିଜକୁ ତାର ଅଣୁ ଅଣୁ ଭିତରେ ବୁଡେଇ ବୁଡେଇ ଆକ୍ତାମାକ୍ତା କରିଦେବାକୁ ।

ଆଉ କେବଳ ସେଇଥି ପାଇଁ ତ ମୋ ଆଖି ଉପରେ ବସିବାକୁ ଯାଉଥିବା ମିଥ୍ୟା ଅହଂକାରର ପରଦାକୁ ଆଜି ସର୍ବସମ୍ମୁଖରେ କାଢି ଫିଙ୍ଗି ଦେଲି । ତେବେ କଣ ମୁଁ ଭୁଲ କରିଛି" ଏତକ ଶୁଣି ସିପ୍ରାର ଆଖି ଦୁଇଟି ଯେମିତି ବାହାରକୁ ବାହାରି ଆସିଥିଲା ...। ସେ କଣ କହିବ କିଛି ବୁଝିବା ଆଗରୁ ରୋହନ ରୋମାଣ୍ଟିକ ହୋଇ ପାଖକୁ ଲାଗି ଯାଇ କହିଲା ,-"କଣ ବାୟାଣୀ ..ଏଥରକ ବି ମୋ କଳ୍ପନା ପାଖରୁ ହାରିଗଲ..?" ସିପ୍ରା ଗେହ୍ଲେଇ ହେଇ କହିଲା, - "ଛାଡ ମ..ତୁମ ସହିତ ମୋର କଟି..ଆଉ କେବେ ବି କଥା ହେବନି.. ହେଲା.."

" ଠିକ୍ ଅଛି...ମୁଁ ସିନା କଥା ହେବିନି ହେଲେ ତୁମେ ତ ହେବ ନା ...ଏଣିକି ତୁମେ କହିବ ଆଉ ମୁଁ ଶୁଣିବି.."-"ହେ ଭଗବାନ ...ଓହୋଃ (ଦୀର୍ଘ ଶ୍ୱାସ ଛାଡି) ..ତୁମକୁ ଆଉ ପାରିହେବନି ..ଯା..।" ହାଃ... ହାଃ... ହାଃ... ହସରେ ତାଙ୍କ ଛୋଟ କୋଠରୀଟି ଗୁଞ୍ଜରିତ ହୋଇ ଉଠୁଥିଲା ।

*****

ଚକ୍ରଧରପୂର, କେନ୍ଦୁଝର

ପ୍ରିୟ ପାଠକ/ପାଠିକା,

- ପ୍ରେରଣା ଇ-ପତ୍ରିକାର ଏହା ନବମ ସଂସ୍କରଣ । ଏହି ଜୁନ୍ ୨୦୧୯ ସଂସ୍କରଣଟି ଆପଣଙ୍କୁ କିପରି ଲାଗିଲା ଆମକୁ ନିଶ୍ଚିନ୍ତ ଜଣାନ୍ତୁ ।
- ପ୍ରିୟ ଲେଖକ/ଲେଖିକା ମାନଙ୍କୁ ଉତ୍ସାହିତ କରିବା ପାଇଁ ତଥା ପତ୍ରିକାକୁ ଅଧିକ ସରସ ସୁନ୍ଦର କରିବାରେ ଆପଣଙ୍କ ସୁଚିନ୍ତିତ ମତାମତ ନିତ୍ୟାନ୍ତ ଆବଶ୍ୟକ ।
- ପ୍ରକାଶନରେ ହୋଇଥିବା କୌଣସି ତ୍ରୁଟି ଆମକୁ ଜଣାଇଲେ ପରବର୍ତ୍ତୀ ସଂସ୍କରଣରେ ତା'ର ମାର୍ଜନା ପ୍ରତି ଯତ୍ନବାନ ହେବୁ ।

ଆପଣଙ୍କ ମତାମତ ପ୍ରେରଣା ୱେବସାଇଟରେ [www.preranaodia.com/feedback](www.preranaodia.com/feedback) ପ୍ରଦାନ କରିବାକୁ ଅନୁରୋଧ ।

Prerana

GET IT ON Google play

"ପ୍ରେରଣା" ଆପ୍ ଡାଉନଲୋଡ୍ କରିବା ପାଇଁ ନିମ୍ନୋକ୍ତ ଲିଙ୍କ୍ ଉପରେ କ୍ଲିକ୍ କରନ୍ତୁ ।

[https://play.google.com/store/apps/details?id=com.debi.prerana](https://play.google.com/store/apps/details?id=com.debi.prerana)